# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.302, Bhubaneswar Friday, January 17, 2020 | ୨୨ତମ ବର୍ଷ | ସଂଖ୍ୟା–୩୦୨ | ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୭, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS


## ବଣ୍ଡା ଘାଟିରେ ମାଓବାଦୀ କ୍ୟାମ୍ପ ଠାବ : ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୧୬।୧(ପି.ଏନ): ବଣ୍ଡା ଘାଟିରେ ଚାଲିଥିବା ମାଓବାଦୀଙ୍କ ଏକ କ୍ୟାମ୍ପକୁ ଠାବ କରିବା ସହ ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି ପୋଲିସ । ଏନେଇ ସୂଚନା ପାଇବା ପରେ ଗତକାଲି ସଂନ୍ଧ୍ୟା ଠାରୁ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡି. ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ପୃଥକ୍ ପୃଥକ୍ ଦୁଇଟି ସ୍ଥାନରେ ସର୍ଚ୍ଚ ଅପରେସନ ବେଳେ ବିଳମ୍ବିତ ରାତିରେ ମାଓବାଦୀ ଓ ପୋଲିସ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା । ହେଲେ ଏଥିରେ ଉଭୟ ପକ୍ଷରୁ କେହି ମୃତାହତ ହୋଇଥିବା ନେଇ କୌଣସି ସୂଚନା ନାହିଁ । ପ୍ରକାଶ ଥାଉ କି, ପୂର୍ବରୁ ଗତ କିଛି ମାସ ତଳେ ନୂତନ ଭାବେ ଏସପିଙ୍କ ଯୋଗଦାନ ସମୟରେ ସର୍ଚ୍ଚ ଅପରେସନ ବେଳେ ମାଓବାଦୀଙ୍କ ଗୁଳିରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯବାନ ଗୁରୁତର ହୋଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓୟୋ ପ୍ରତିଷ୍ଠାତା

ଭୁବନେଶ୍ୱର,୧୬।୧(ପି.ଏନ):ଓୟୋ ସଂସ୍ଥା ଓଡ଼ିଶାରେ ୫ ହଜାର ନିଯୁକ୍ତି ସୃଷ୍ଟି କରିଛି ବୋଲି ଏହାର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି । ଆଜି ଅପରାହ୍ନରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେଠାରେ ବ୍ୟବସାୟ ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ରାଜ୍ୟରେ ହୋଟେଲ ଏବଂ ହଷ୍ଟେଲ ନିର୍ମାଣରେ ଅଧିକରୁ ଅଧିକ ପୁଂଜି ନିବେଶ କରିବୋ



ପୁରୀଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି

### ବସ୍ ଓଲଟିଲା : ୧୦ ଆହତ

କେନ୍ଦୁଝର, ୧୬।୧(ପି.ଏନ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ପର୍ଶଳା ନିକଟରେ ଏକ ଯାତ୍ରୀବାହି ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଏହି ବସ୍ ରେ ଯାତ୍ରା କରୁଥିବା ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚମ୍ପୁଆ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗତକାଲି ବିଳମ୍ବିତ ରାତିରେ 'ସଂସ୍କାର' ନାମକ ଯାତ୍ରୀବାହି ବସ୍ କୋଇଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଏହି ସମୟରେ ପର୍ଶଳା ନିକଟରେ ବସ୍ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଓ ହେଲପର୍ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ବସ୍ ମଧ୍ୟରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଖବର ପାଇ ରିମୁଳି ଫାଣ୍ଡି ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଂଚି ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ମାନଙ୍କୁ ମେଡିକାଲ ପଠାଇବାର ବ୍ୟବସ୍ଥା କରିଥିଲେ ।

### ଘନ କୁହୁଡ଼ି; ଚିଲିକା ମଝିରେ ୨ ଘଂଟା ଫସି ରହିଲା ଯାତ୍ରୀବାହି ଡ଼ଙ୍ଗା

ବ୍ରହ୍ମଗିରି, ୧୬।୧(ପି.ଏନ): ଆଜି ସକାଳେ ଘନ କୁହୁଡ଼ି ଯୋଗୁଁ ଚିଲିକାରେ ୨ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଫଶି ରହିଥିଲା ଏକ ଯାତ୍ରୀବାହି ଡ଼ଙ୍ଗା । ଏହି ମୋଟର ଚାଳିତ ଡ଼ଙ୍ଗାଟି ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ଯାଉଥିବା ବେଳେ ଘନ କୁହୁଡ଼ି ଯୋଗୁଁ ନାଉରିଆ ବାଟ ଜାଣି ନପାରିବାରୁ ଡ଼ଙ୍ଗାଟି ଚିଲିକା ମଝିରେ ଫସି ଯାଇଥିଲା । କୁହୁଡ଼ି ଛାଡିବା ପରେ ଦୁଇ ଘଂଟା ବିଳମ୍ବରେ ଡ଼ଙ୍ଗାଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଜହ୍ନିକୁଦାରେ ପହଂଚି ଥିବା ଜଣାପଡିଛି । ଏହି ଡ଼ଙ୍ଗାରେ ପ୍ରାୟ ୩୦ ଜଣ ଯାତ୍ରୀ ଓ ୧୦ଟି ବାଇକ୍ ଥିବା ସୂଚନା ମିଳିଛି । ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ପ୍ରାପ୍ତ ସୂଚନା ମୁତାବକ, ଡ଼ଙ୍ଗାଟି ଆଜି ସକାଳ ୭ଟା ୧୫ ମିନିଟ୍ ସମୟରେ ସାତପଡ଼ା ଘାଟରୁ ଛାଡିଥିଲା । ୫ କି.ମି. ଅତିକ୍ରମ କରି ଡ଼ଙ୍ଗାଟି ଜହ୍ନିକୁଦାରେ ପହଂଚିବାକୁ ପ୍ରାୟ ୪୫ ମିନିଟ୍ ସମୟ ଲାଗିଥାଏ । ମାତ୍ର ଆଜି କୂଳ ଠାରୁ ଏକ କି.ମି. ଯିବା ପରେ ଘନ କୁହୁଡ଼ି ଯୋଗୁଁ ନାଉରିଆ ପଥହରା ହୋଇପଡିଥିଲେ ।

## ହାତଗୋଡ଼ ବନ୍ଧା ଅବସ୍ଥାରେ ଟ୍ରକ୍ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଧର୍ମଶାଳା, ୧୬।୧(ପି.ଏନ): ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଶ୍ରୀରାମପୁର ଟୋଲ୍ ଗେଟ ନିକଟରେ ଅଘଟଣ । ହାତଗୋଡ ବନ୍ଧା ଅବସ୍ଥାରେ ଏଠାରୁ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର ହୋଇଛି । କେହି ଦୁର୍ବୃତ୍ତ ଉକ୍ତ ଯୁବକକୁ ମାରି ଏଠାରେ ଫୋପାଡି ଦେଇ ଯାଇଥିବା ସାଧାରଣରେ ସନ୍ଦେହ ହୋଇଛି । ମୃତ ଯୁବକ ହେଲେ ଜଗତପୁର ଭୁବନପୁର ଗ୍ରାମର ଜୟରାମ ବାରିକଙ୍କ ପୁଅ ବଳରାମ (୩୬) ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ସୂଚନା ଅନୁଯାୟୀ, ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଶ୍ରୀରାମପୁର ଟୋଲ ଗେଟ ପାର୍ଶ୍ୱ ଏକ ନାଳରୁ ଆଜି ତାଙ୍କ ମୃତଦେହକୁ ଉଦ୍ଧାର କରିଛି ବଡଚଣା ପୁଲିସ । ମୃତ ବଳରାମ ବୃତିରେ ଜଣେ ଟ୍ରକ୍ ଡ୍ରାଇଭର ବୋଲି ଜଣାପଡିଛି । ୧୪ ତାରିଖରେ ବଳରାମ ଟ୍ରକ୍ ନେଇ ପାରାଦୀପ ଯିବା ସମୟରେ ଶ୍ରୀରାମପୁର ଗେଟ ନିକଟରେ କିଛି ସମୟ ପାଇଁ ଗାଡି ଅଟକାଇଥିଲେ । ସେଠାରେ କିଛି ଦୁର୍ବୃତ୍ତ ହାତଗୋଡ ବାନ୍ଧି ତାଙ୍କୁ ହତ୍ୟା କରି ଏହି ନାଳରେ ଫିଙ୍ଗି ଗାଡି ଲୁଟି ନେଇଥିଲେ । ଡ୍ରାଇଭରଙ୍କ ସହ ଯୋଗାଯୋଗ ନ ହେବାରୁ ଗାଡି ମାଲିକ ଜିପିଆରଏସ୍ ସିଷ୍ଟମ ଜରିଆରେ ଆଠମଲ୍ଲିକ ଅଂଚଳରୁ ଗାଡିକୁ ଠାବ କରାଯାଇଥିଲା । ଗାଡିକୁ ଲୁଟ୍ କରିଥିବା ଦୁର୍ବୃତଙ୍କୁ ସେଠାରେ ଜେରା କରାଯିବା ପରେ ବଳରାମଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି । ଏନେଇ ବଡଚଣା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବା ନେଇ ଥାନା ଅଧିକାରୀ ଦିପକ ଜେନା ସୂଚନା ଦେଇଛନ୍ତି । ଘଟଣାର ତଦନ୍ତ ଚାଲିଛି, ଦୁର୍ବୃତମାନଙ୍କୁ ଖୁବ ଶୀଘ୍ର ଠାବ କରାଯିବା ନେଇ ପୁଲିସ ତାହାର କାର୍ଯ୍ୟ ଚଳାଇଛି ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

## କନ୍ଧମାଳ ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ଯୋଜନା ବାଟବଣା : ୪୦୩ ସ୍କୁଲରେ ରୋଷେଇ ଘର ନାହିଁ

କନ୍ଧମାଳ, ୧୬।୧(ପି.ଏନ): ସରକାର ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଉତ୍କୃଷ୍ଟ ମାନର ମଧ୍ୟାହ୍ନ ଭୋଜନ ରାନ୍ଧିବା ସହ ପିଲାମାନଙ୍କୁ ନିର୍ମଳ ପରିବେଶ ମଧ୍ୟରେ ଖାଇବାକୁ ଦେବାଲାଗି ନିର୍ଦ୍ଦେଶ ଦେଇଛନ୍ତି । ଯାହାଫଳରେ ପିଲା ମଧ୍ୟାହ୍ନ ଭୋଜନ ଖାଇ ଅସୁସ୍ଥ ନହେବେ ସେଥିପ୍ରତି ଦୃଷ୍ଟି ଦେଉଛନ୍ତି ସରକାର । ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ପ୍ରତି ସ୍କୁଲରେ ରୋଷେଇ ଘର ମାନ ମଧ୍ୟ ନିର୍ମାଣ କରାଯାଇଛି । ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଅନୁଦାନ ମଧ୍ୟ ଦେଉଛନ୍ତି ସରକାର । ହେଲେ କନ୍ଧମାଳ ଜିଲ୍ଲାରେ ୪୦୩ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ଏଯାଏଁ ରୋଷେଇ ଘର ନାହିଁ । ଜିଲ୍ଲାରେ ଥିବା ମୋଟ ୧୮୭୧ ଟି ସ୍କୁଲ ମଧ୍ୟରୁ ୧୪୬୮ଟି ସ୍କୁଲରେ ରୋଷେଇ ଘର ନିର୍ମାଣ କରାଯାଇଥିବା ବେଳେ ୪୦୩ଟି ସ୍କୁଲରେ ଏଯାଏଁ ରୋଷେଇ ଘର ନିର୍ମାଣ ହୋଇନଥିବା ଫଳରେ କେଉଁଠି ଗଛମୂଳେ ତ ଆଉ କେଉଁଠି ପିଣ୍ଡାରେ ରୋଷେଇ କରାଯାଉଛି । ବର୍ଷାଦିନ ହେଲେ କଥା ସରିଲା । ନୂତନ ରୋଷେଇ ଘର ନିର୍ମାଣ ଲାଗି ବ୍ଲକକୁ ଅର୍ଥ ଅନୁଦାନ ଦିଆଯାଇଥିଲେ ମଧ୍ୟ ବିଡିଓ, ଯନ୍ତ୍ରୀ ଆଗ୍ରହ ପ୍ରକାଶ ନକରିବା ଫଳରେ ଏସବୁ ମଧ୍ୟାହ୍ନ ଭୋଜନ ରୋଷେଇ ଘର ନିର୍ମାଣ ହୋଇପାରୁନି । କମ୍ ଅର୍ଥ ଅନୁଦାନ ଥିବାରୁ ଠିକାଦାର ମାନେ ମଧ୍ୟ ଏହି କାର୍ଯ୍ୟ କରିବାଲାଗି ଆଗ୍ରହ ପ୍ରକାଶ କରୁନଥିବା କୁହାଯାଉଛି । ଜିଲ୍ଲାର ବାଲିଗୁଡା ବ୍ଲକରେ ୧୯୯ ସ୍କୁଲ ମଧ୍ୟରୁ ୧୭୧ ଟି ମଧ୍ୟାହ୍ନ ଭୋଜନ ଗୃହ କାମ ସରିଥିବା ବେଳେ ୨୮ଟିରେ ନିର୍ମାଣ ନହୋଇ ପଡି ରହିଥିବା ବେଳେ ଚକାପାଦରେ ୧୨୩ ସ୍କୁଲ ମଧ୍ୟରୁ ୯୩ରେ ସରିଥିବା ବେଳେ ୩୦ଟିରେ ନିର୍ମାଣ ହୋଇନାହିଁ । ସେହିପରି ଜି.ଉଦୟଗିରି ବ୍ଲକରେ ୯୮ ସ୍କୁଲ ମଧ୍ୟରୁ ୫୬ଟିରେ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୪୨ଟି ନିର୍ମାଣ ହୋଇନି । କ.ନୂଆଗାଁ ବ୍ଲକରେ ୧୩୮ ମଧ୍ୟରୁ ୭୮ଟିରେ ନିର୍ମାଣ ସରିଥିବା ବେଳେ ୬୦ଟିରେ ନିର୍ମାଣ ହୋଇନି । ଖଜୁରୀପଡା ବ୍ଲକରେ ୧୪୦ ସ୍କୁଲ ମଧ୍ୟରୁ ୮୫ଟିରେ ନିର୍ମାଣ ହୋଇଥିବା ବେଳେ ୫୫ଟି ପଡିଛି । କୋଟଗଡ ବ୍ଲକରେ ୧୬୨ ସ୍କୁଲ ମଧ୍ୟରୁ ୫୨ଟି ନିର୍ମାଣ ହୋଇନଥିବା ବେଳେ ଫିରିଙ୍ଗିଆ ୨୧୫ ସ୍କୁଲ ମଧ୍ୟରୁ ୮ଟି, ଫୁଲବାଣୀ ୧୩୯ ସ୍କୁଲ ମଧ୍ୟରୁ ୭ଟି, ଟିକାବାଲି ବ୍ଲକରେ ୧୦୨ ସ୍କୁଲ ମଧ୍ୟରୁ ୯ଟି, ତୁମୁଡିବନ୍ଧ ବ୍ଲକରେ ୧୫୩ ସ୍କୁଲ ମଧ୍ୟରୁ୧୯ଟି, ରାଇକିଆ ୧୨୯ଟି ସ୍କୁଲ ମଧ୍ୟରୁ ୯୪ଟିରେ ମଧ୍ୟାହ୍ନ ଭୋଜନ ଗୃହ ନଥିବା ବେଳେ ଦାରିଙ୍ଗବାଡି ବ୍ଲକର ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ କାର୍ଯ୍ୟ ସରିଛି । ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ ହୋଇନଥିବା ସ୍କୁଲ ଗୁଡିକରେ ପ୍ରଶାସନ ପକ୍ଷରୁ ତୁରନ୍ତ ଏସବୁ ଗୃହ ଗୁଡିକ ସାରିବାଲାଗି ଉଦ୍ୟମ କରିବା ଜରୁରୀ ହୋଇପଡିଛି ।

## ଖୋର୍ଦ୍ଧା , କଟକ ଓ କେନ୍ଦ୍ରାପଡାରେ ଆରମ୍ଭ ହେଲା ସେସୁର ବିଜୁଳି କାଟ୍ ଅଭିଯାନ

ଭୁବନେଶ୍ୱର, ୧୬।୧(ପି.ଏନ): ଦୀର୍ଘ ଦିନ ଧରି ବିଜୁଳି ବିଲ୍ ବକେୟା ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ କାଟିବା ଅଭିଯାନ ଆରମ୍ଭ କରିଛି ସେସୁ । ଗୁରୁବାର ଖୋର୍ଦ୍ଧା, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଦ୍ୟୁତ କାଟ୍ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୧,୫୪୫ ଉପଭୋକ୍ତାଙ୍କ ବିଦ୍ୟୁତ୍ .ସଂଯୋଗ କଟାଯାଇଛି । ସେହିପରି ୫କୋଟି ୩୮ ଲକ୍ଷ ୯୮ ହଜାର ଟଙ୍କା ବକେୟା ବିଲ୍ ଆଦାୟ କରାଯାଇଛି ବୋଲି ସେସୁର ସିଇଓ ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି । ପ୍ରଥମେ ବିଲ୍ ବାକି ରଖିଥିବାବ୍ୟାବସାୟିକ ସଂସ୍ଥାଙ୍କ ବିଜୁଳି କଟାଯାଇଛି । ଯେଉଁ ବ୍ୟବସାୟିକ ସଂସ୍ଥା ବିଲ୍ ବକେୟା ରଖିଛନ୍ତି ଏବଂ ନୋଟିସ୍ ପରେ ବି ଦେୟ ପଇଠ କରୁ ନାହାନ୍ତି, ସେମାନଙ୍କ ବିଦ୍ୟୁତ୍ ସଂଯୋଗକୁ ଆଜିଠାରୁ ବିଚ୍ଛିନ୍ନ କରାଯାଉଛି । ଖୋର୍ଦ୍ଧାରେ ସେସୁର ୩୦ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ବିଳମ୍ବିତ ସନ୍ଧ୍ୟା ଯାଏଁ ବିଦ୍ୟୁତ୍ କାଟ ଅଭିଯାନ ଚାଲିବ । ଏଯାବତ୍ ୮୦୦ ବ୍ୟବସାୟିକ ଉପଭୋକ୍ତାଙ୍କ ବିଜୁଳି କଟାଯାଇଛି ଏବଂ ଉପଭୋକ୍ତାଙ୍କଠାରୁ ୩ କୋଟି ଟଙ୍କା ସେସୁ ଆଦାୟ କରିଥିବା ନେଇ ସେ କହିଛନ୍ତି ।

## ମୁମ୍ବାଇ-ଭୁବନେଶ୍ୱର ଏଲଟିଟି ଏକ୍ସପ୍ରେସ୍ ଲାଇନଚ୍ୟୁତ, ୪୦ ଆହତ

କଟକ/ଭୁବନେଶ୍ୱର, ୧୬।୧(ପି.ଏନ): କଟକ ନିର୍ଗୁଣ୍ଡି ରେଳ ଷ୍ଟେସନ୍ ଶାଳଗାଁ ନିକଟରେ ଗୁରୁବାର ସକାଳ ସାଢେ ୬ଟାରେ ମୁମ୍ବାଇ-ଭୁବନେଶ୍ୱର ଏଲଟିଟି ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୨୮୭୯) ଲାଇନଚ୍ୟୁତ ହେବାରୁ ପ୍ରାୟ ୪୦ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୫ଜଣଙ୍କ ଅବସ୍ଥା ଗୁରତର ରହିଛି । ଘନ କୁହୁଡ଼ି ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି । ଏକ ମାଲବାହୀ ଟ୍ରେନ୍ କୁ ପଛ ପଟୁ ଏହି ଟ୍ରେନ୍ ଧକ୍କା ଦେବାରୁ ଟ୍ରେନ୍ ର ୮ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଅପରପକ୍ଷରେ ଟ୍ରେନ୍ ଦୁର୍ଘଟଣାର ତଦନ୍ତ କରିବାପାଇଁ ରେଲୱେ ସେଫଟି କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଦକ୍ଷିଣ ପୂର୍ବ ସର୍କଲ ରେଲୱେ ସେଫ୍ଟି କମିଶନର ଅଭୟ କୁମାର ରାୟ ଏହି ତଦନ୍ତ କରିବେ । ୧୮ ତାରିଖରୁ ତଦନ୍ତ ଆରମ୍ଭ ହେବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ଦୁର୍ଘଟଣା ପରେ ରେଲୱେ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ଏଗୁଡ଼ିକ ହେଲା କଟକ-୦୬୭୧୧୦୭୨, ଖୋର୍ଦ୍ଧା ରୋଡ୍-୦୬୭୪୧୦୭୨, ପୁରୀ-୦୬୭୫୨୧୦୭୨ ଓ ଭୁବନେଶ୍ୱର ହେଡ୍ କ୍ୱାର୍ଟର-୧୮୦୦୩୪୫୭୪୦୧, ୧୮୦୦୩୪୫୭୪୦୨ । ଅନ୍ୟପକ୍ଷରେ ଟ୍ରେନ୍ ଦୁର୍ଘଟଣା ଯୋଗୁଁ କଟକ ରେଳଷ୍ଟେସନ୍ ଦେଇ ଯିବାକୁ ଥିବା ଅନ୍ୟ ୫ ଟି ଟ୍ରେନ୍ ର ଗତିପଥ ବଦଳାଯାଇଛି । ଗତିପଥ ବଦଳିଥିବା ଟ୍ରେନଗୁଡ଼ିକ କଟକ ପରିବର୍ତ୍ତେ ନରାଜ ବାଟ ଦେଇ ଯାତ୍ରା କରିବେ ବୋଲି ଜଣାଯାଇଛି । ତାଳଚେର-ପୁରୀ ମେମୁ ଟ୍ରେନ୍, ଦୁର୍ଗ-ପୁରୀ ଏକ୍ସପ୍ରେସ୍, ପୁରୀ-ରାଉରକେଲା, ଧାନବାଦ୍- ଭୁବନେଶ୍ୱର ରାଜାରାଣୀ ଏକ୍ସପ୍ରେସ୍ ଏବଂ ଭୁବନେଶ୍ୱର-ମୁମ୍ବାଇ ଲୋକମାନ୍ୟ ତିଳକ ଏକ୍ସପ୍ରେସ୍ ଆଜି ନରାଜ ବାଟ ଦେଇ ଯାତ୍ରା କରିବ । ମିଳିଥିବା ସୂଚନା ଅନୁସାରେ, କପିଳାସ ରୋଡ୍ ପାରି ହେବା ପରେ ଏବଂ ନିର୍ଗୁଣ୍ଡି ଷ୍ଟେସନର ପ୍ରାୟ ୧ କିଲୋମିଟର ପୂର୍ବରୁ ଥିବା ଶାଳଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ସେହି ଲାଇନ୍ ରେ ଠିଆ ହୋଇଥିବା ଏକ ମାଲଗାଡ଼ିକୁ ଧକ୍କା ଦେବାରୁ ଯାତ୍ରୀବାହୀ ଟ୍ରେନ୍ ର ୮ଟି ବଗି ଲାଇନ୍ ଚ୍ୟୁତ ହୋଇଥିଲା । ଟ୍ରେନ୍ ଦୁର୍ଘଟଣା ନେଇ ରେଲୱେକୁ କିଛି ଯାତ୍ରୀ ଟ୍ୱିଟ୍ କରିବା ପରେ ରେଳ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଅଗ୍ନିଶମ କର୍ମଚାରୀ ଓ ପୁଲିସ୍ ପହଂଚି ସ୍ଥାନୀୟ ଯୁବକଙ୍କ ସହ ଆହତମାନଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି । ଅନ୍ୟମାନଙ୍କ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ତେବେ ଏଥିରେ କୌଣସି ଯାତ୍ରୀଙ୍କର ମୃତ୍ୟୁ ଘଟିନଥିବା ସ୍ପଷ୍ଟ କରାଯାଇଛି ।ଆହାତ ମାନଙ୍କ ମଧ୍ୟରେ ରହିଛନ୍ତି କଟକର ଶରତ ଚନ୍ଦ୍ର ବେହେରା(୪୯), ବାଲେଶ୍ୱରର ପୂର୍ଣ୍ଣ ଚନ୍ଦ୍ର ନାୟକ(୩୫), ଗଞ୍ଜାମର ଜିତେନ୍ଦ୍ର କୁମାର ପାଢୀ (୩୯), କଟକର ଅଶ୍ୱିନୀ କୁମାର ଲେଙ୍କା(୪୦), ସୁନାରାଣୀ ସାହୁ (୩୭), ଛତିଶଗଡ଼ର ପୁଷ୍ପାଞ୍ଜଳି ଝାଟୁଆ (୩୦ ), ତନିଶା ଝାଟୁଆ (୩୬) ବାଲେଶ୍ୱରର ପ୍ରଭାତ କୁମାର ରାଜ (୪୨), ଖୋର୍ଦ୍ଧାର ଜୟଶ୍ରୀ ନାଏକ (୨୮), ନାରାୟଣ ପାତ୍ର (୫୧), ପ୍ରସନ୍ନ କୁମାର ସାହୁ(୩୫), ବାଲେଶ୍ୱରର ତନ୍ମୟ ନାୟକ (୦୨), ଦୁର୍ଯ୍ୟୋଧନ ନାୟକ(୩୮) ଓ ଜ୍ୟୋତି ନାୟକ (୨୫-ମହିଳା) ।

### ୧୦୦୦ ଲିଟର ସ୍ପିରିଟ୍ ଜବତ

କୋରେଇ, ୧୬।୧(ପି.ଏନ): ପାଣିକୋଇଲି ବଜାରରୁ ହଜାରେ ଲିଟର ସ୍ପିରିଟ (ଯାହାକି ମଦ ତିଆରିରେ ବ୍ୟବହୃତ କରାଯାଏ) ବେଆଇନଭାବେ ଚୋରା ଚାଲାଣ ହେଉଥିବା ଖବର ପାଇ ଡୋଳିପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ପାଣିକୋଇଲି ବଜାରର ଏକ ଦୋକାନରେ ଏହା ବିକ୍ରି ବା ଚାଲଣ କରାଯାଉଥିବା ବେଳେ ତାର ଟେର୍ କେହି ପାଉନଥିଲେ । ବିଶେଷସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ୧୦୦୦ ଲିଟର ସ୍ପିରିଟ ଜବତ କରିବା ସହ ବେପାରୀ ନମଟିକିରି ଗ୍ରାମର ଭିମସେନ ଆଏଚଙ୍କ ପୁଅ ନୀଳମଣୀକୁ ଗିରଫ କରିଥିଲା । ଏନେଇ ଏକ ମାମଲା ୧୮୬/୧୯-୨୦ ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଇନ୍ସପେକ୍ଟର ଜଗଦିଶ ଚନ୍ଦ୍ର ସାମଲ, ତଦନ୍ତାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଏଏସଆଇ ଗଣେନ୍ଦ୍ର ପରିଡା ପ୍ରଦୋଶ କୁମାର ପରିଡା, କନେଷ୍ଟବଳ କିଶୋର ରାଉତ, ପୂର୍ଣ୍ଣଜିତ ମହାପାତ୍ର, ବସନ୍ତ ମଲ୍ଲିକ, ଶୁଭସ୍ମିତା ପ୍ରଧାନ, ଅର୍ଚ୍ଚନାବାଳ ନାୟକ, ଜୟ ପ୍ରକାଶ ବେହେରା, ରାଜେଶ କୁମାର କିଶାନ ପ୍ରମୁଖ ସାମିଲ ହୋଇଥିଲେ ।

## ଗୁଣି ଗାରେଡ଼ି ସନ୍ଦେହରେ ମହିଳାଙ୍କୁ ବିଭସ୍ଥ ହତ୍ୟା

ସୁନ୍ଦରଗଡ଼, : ଗୁଣି ଗାରେଡ଼ି ସନ୍ଦେହରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନା ଅନ୍ତର୍ଗତ ଟିକିରାପୋଷ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଘଟିଯାଇଛି ଏଭଳି ଏକ ବିଭସ୍ଥ ହତ୍ୟାକାଣ୍ଡ । ମୃତ ମହିଳାଙ୍କ ନାମ ବନ୍ଧନୀ ଓରାମ । ତାଙ୍କ ଘର ଟିକାୟତପାଲ୍ଲୀ ଗ୍ରାମରେ । ଅଭିଯୁକ୍ତର ନାମ ରତିକାନ୍ତ ଓରାମ । ତେବେ ଏହି ଆକ୍ରମଣରେ ରତିକାନ୍ତଙ୍କ ଏକ ଦେଢ଼ ବର୍ଷର ଭଣଜା ମଧ୍ୟ ଗୁରୁତର ଆହତ ହୋଇଛି । ସୂଚନା ଅନୁଯାୟୀ, ବନ୍ଧନୀ ତାଙ୍କ ଝିଅକୁ ଟିକିରାପୋଷ ଗ୍ରାମରେ ବିବାହ ଦେଇଛନ୍ତି । ସେ ଝିଅକୁ ଦେଖିବା ପାଇଁ ବେଳେ ବେଳେ ତା' ଶାଶୂ ଘରକୁ ଆସିଥାନ୍ତି । ହେଲେ ତାଙ୍କ ଝିଅର ଦିଅର ରତିକାନ୍ତ, ବନ୍ଧନୀଙ୍କ ଯିବା ଆସିବାକୁ ବିରୋଧ କରି ଆସୁଥିଲା । ଏମିତିକି ବନ୍ଧନୀ ଗୁଣିଗାରେଡ଼ି କରୁଥିବାରୁ ତାଙ୍କ ପରିବାର ଲୋକଙ୍କ ଦେହ ଭଲ ରହୁନଥିବା ରତିକାନ୍ତ ଅନେକ ସମୟରେ ଅଭିଯୋଗ କରି ଆସୁଥିଲା । ଏହା ସତ୍ୱେ ଗତକାଲି ବନ୍ଧନୀ ତାଙ୍କ ଝିଅ ଘରକୁ ଆସିଥିଲେ । ରାତ୍ରୀ ଭୋଜନ ପରେ ଘର ବାହାରେ ନିଆଁ ଜାଳି ସେକି ହେଉଥିଲେ । ଏହି ସମୟରେ ରତିକାନ୍ତ ସେଠାକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ନିକଟରେ ଥିବା ଏକ ଟାଙ୍ଗିଆ ସାହାଯ୍ୟରେ ଆକ୍ରମଣ କରିଥିଲା । ଫଳରେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ବନ୍ଧନୀଙ୍କ ପାଖରେ ଥିବା ରତିକାନ୍ତଙ୍କ ଦେଢ଼ ବର୍ଷର ଭଣଜା ମଧ୍ୟ ଏହି ଆକ୍ରମଣରେ ଗୁରୁତର ହୋଇଛି । ଶିଶୁର ବେକ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ପ୍ରଥମେ ତାକୁ ବଣାଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ନିମନ୍ତେ ଶିଶୁଟିକୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପକ୍ଷରେ ଅଭିଯୁକ୍ତ ରତିକାନ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ଖବର ପାଇ ବଣାଇ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ଗାଁକୁ ରାସ୍ତାନାହିଁ, ଗମନା ଗମନର ଏକମାତ୍ର ଭରସା ବାଉଁଶ ପୋଲ

କନ୍ଧମାଳ, ୧୬।୧(ପି.ଏନ): ଗାଁକୁ ରାସ୍ତାଟିଏ ନାହିଁ । ଫଳରେ ବର୍ଷାଦିନେ ଗମନା ଗମନ ସଂପୂର୍ଣ୍ଣ ଠପ୍ ହୋଇଯାଉଛି । ପାଣି ଘେରରେ ଦିନ ଦିନ ବିତାଇବାକୁ ପଡୁଛି । ବର୍ଷାପାଣି କମିଲେ ନଦୀ ଭିତରେ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି । ହେଲେ ବର୍ଷା ଛାଡିବା ପରେ ଅନ୍ୟ ଦିନରେ ଯିବା ଆସିବା ଲାଗି ଗାଁ ଲୋକେ ବାଉଁଶ ପୋଲଟିଏ କରି ବିପଦସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି । ସାଇକଲଟିଏ କି ମୋଟର ସାଇକଲ ଟିଏ କେତେବେଳେ କେମିତି କଷ୍ଟରେ ଯିବା ଆସିବା ହେଉଛି । ବାରମ୍ବାର ନେହୁରା ହେଲେ ବି ନା ପ୍ରଶାସନ ନା ଲୋକପ୍ରତିନିଧି କେହି ବି ଶୁଣୁନାହାଁନ୍ତି । ଭୋଟ ଆସିଲେ କେବଳ ମିଥ୍ୟା ପ୍ରତିଶୃତି ମିଳୁଛି । ଭୋଟ ସରିଲେ ତୁ କିଏ ନା ମୁଁ କିଏ ? ଏଭଳି ଅଭିଯୋଗ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର କୋଟଗଡ ବ୍ଲକ ପାରିଗଡ ପଂଚାୟତର ହଦଗାଁ ଓ ପିଲିମାହା ଗାଁରେ । ଏହି ୨ ଗାଁ ଲୋକେ ବାଉଁଶ ପୋଲ ଉପରେ ପ୍ରତିବର୍ଷ ଭରସା କରିଥାନ୍ତି । ବର୍ଷା ବଢି ଆସିଲେ ବାଉଁଶ ପୋଲ ଧୋଇ ହୋଇଯାଉଛି । ପୁଣି ବର୍ଷା ଛାଡିବା ପରେ ଗାଁ ଲୋକେ ତିଆରି କରିଥାନ୍ତି । କୋଟଗଡ ବ୍ଲକ ସଦର ମହକୁମାରୁ ପ୍ରାୟ ୪୦ କିମି ଦୂରରେ ରହିଛି ଏହି ଗାଁ । ସରକାର ପ୍ରତି ଗାଁକୁ ସ୍ଥାୟୀ ପକ୍କା ରାସ୍ତା ଯୋଗାଇଦେବେ ବୋଲି କହୁଛନ୍ତି । ଆଉ ଗମନା ଗମନ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ କରୁଛନ୍ତି । ତେବେ, ଏହି ଗାଁକୁ ସ୍ୱାଧିନତାର ୭୨ ବର୍ଷ ପରେ ବି ରାସ୍ତାଟିଏ ନିର୍ମାଣ ହୋଇପାରୁନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଟଙ୍କିକିଆ ଚାଉଳ ଆଣିବା ପାଇଁ ପ୍ରତିମାସରେ ନାକେଦମ ହେବାକୁ ପଡୁଛି ସେମାନଙ୍କୁ । ଅଭିଯୋଗ କଲେ କେହି ଶୁଣୁନାହାଁନ୍ତି । ଏଣୁ, ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଅନ୍ୟଥା ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ବର୍ଷ ପରେ ବର୍ଷ ବିତିଲାଣି, ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ଅଧିନରେ ୪୦ କୋଟି ଟଙ୍କା ବ୍ୟୟରେ ୨୨ଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କାମ ମନ୍ଥର ଗତିରେ ଚାଲିଛି

କନ୍ଧମାଳ, ୧୬।୧(ପି.ଏନ): ସରକାର ଗ୍ରାମାଂଚଳର ଲୋକମାନଙ୍କୁ ଗମନା ଗମନର ସ୍ଥାୟୀ ସୁବିଧା ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପିଚୁ ରାସ୍ତା ନିର୍ମାଣ କରୁଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଅନୁଦାନ ମଧ୍ୟ ଦେଉଛନ୍ତି । ହେଲେ ଏସବୁ ରାସ୍ତାକାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରିପାରୁନି । କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ବର୍ତ୍ତମାନ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ଡିଭିଜନରେ ବିଭିନ୍ନ ବ୍ଲକ ଅଂଚଳରେ ୨୨ଟି ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ଚାଲିଛି । ବିଭାଗୀୟ ଯନ୍ତ୍ରୀ ମାନଙ୍କ ଅବହେଳା ଓ ଦୁର୍ନିତୀପୂର୍ଣ୍ଣ ମନୋଭାବ ଯୋଗୁଁ ଏସବୁ ରାସ୍ତାକାର୍ଯ୍ୟ ନିମ୍ନମାନର ହେବାସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରୁନି । ଢେର ବର୍ଷ ଲାଗୁଛି ସରିବାଲାଗି । କୁଟିଗୁଡା ଠୁ ଜାରଗିପଡା ରାସ୍ତା କାର୍ଯ୍ୟ ୧୩୯.୨୮୦ ଟଙ୍କା ବ୍ୟୟରେ ଚାଲିଛି ଏହି ରାସ୍ତା କାର୍ଯ୍ୟ ୧୯.୦୭.୨୦୧୮ ରେ ସରିବା କଥା । କିନ୍ତୁ ମାର୍ଚ୍ଚ ୨୦୨୦ ରେ ସରିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି । ସେହିପରି ନେଡିପଦର ଠାରୁ ଡାମି ପିଏମଜିଏସୱାଇ ରାସ୍ତାକାର୍ଯ୍ୟ ୯୧.୦୨୦, ୨୭.୦୧.୨୦୧୮ରୁ ଆରମ୍ଭ ହୋଇ ୨୬.୧୦.୨୦୧୮ ରେ ସରିବା କଥା । ହେଲେ ମାର୍ଚ୍ଚ ୩୧, ୨୦୨୦ ରେ ସରିବ ବୋଲି ନିର୍ବାହୀଯନ୍ତ୍ରୀ କହିଛନ୍ତି । କେରେଡିରୁ ବରସୁଗା ରାସ୍ତା ୧୬୧.୫୬୦ କୋଟି ଟଙ୍କା ବ୍ୟୟରେ ଚାଲିଛି । ଏହା ୧୮.୧୦.୨୦୧୭ରୁ ଆରମ୍ଭ ହୋଇ ୧୭.୦୭.୨୦୧୮ ରେ ସରିବା କଥା ହେଲେ ସରିନି ଏଯାଏଁ । ପିଡବ୍ଲୁଡି ରୋଡଠୁ କିଲାକିଆ ରାସ୍ତା ୫୭.୮୧୦ କୋଟି ଟଙ୍କାରେ ଚାଲିଛି । ଲଦଡିରୁ ମାଦିପଡା ରାସ୍ତା ୧୪୪.୯୪୦ ଟଙ୍କା ବ୍ୟୟରେ ରହିଛି ଏହି ରାସ୍ତାକାର୍ଯ୍ୟ ୨୩.୧୦.୨୦୧୭ରୁ ଆରମ୍ଭ ହୋଇ ୨୨.୦୭.୧୮ ରେ ସରିବା କଥା । ହେଲେ ମାର୍ଚ୍ଚ ୨୦୨୦ ରେ ସରିବ ବୋଲି ବିଭାଗ ଲକ୍ଷ୍ୟ ରଖିଛି । ମଣ୍ଡାକିଆରୁ ବିଅରପାଙ୍ଗା ୧୧୭.୯୭୦ କୋଟି ଟଙ୍କା ବ୍ୟୟରେ ଚାଲିଛି ଯେ, ସରିବାକୁ ନାହିଁ । ଆର.ଡି ରୋଡରୁ କିଲାଗୁଡି ରୋଡ ୮୦.୨୬୦ ଲକ୍ଷ ଟଙ୍କା ବ୍ୟୟରେ ୧୩.୧୦.୨୦୧୭ ରେ ଆରମ୍ଭ ହୋଇ ୧୨.୦୭.୨୦୧୮ ରେ ସରିବା କଥା । ହେଲେ ଜାନୁୟାରୀ ୩୧, ୨୦୨୦ ରେ ସରିବ । ମଣ୍ଡାସୁରରୁ ପାଡାସି ୨୧୦.୦୨୦ କୋଟି ଟଙ୍କା ବ୍ୟୟରେ ରାସ୍ତାକାମ ଚାଲିଛି ୨୭.୧୦.୧୭ ରୁ ଆରମ୍ଭ ହୋଇ ୨୬.୦୭.୨୦୧୮ ରେ ସରିବା କଥା ।ହେଲେ ଦୁଇବର୍ଷ ପାଖାପାଖି ବିତିଗଲାଣି ଏବେ ସରିବାକୁ ଯାଉଛି । ପିଡବ୍ଲୁଡି ରୋଡରୁ କୁଟିବାରୀ ୭୦.୮୨୦ ଲକ୍ଷ ଟଙ୍କାରେ ଚାଲିଛି ୩୦.୦୫.୧୯ ରୁ ଆରମ୍ଭ ହୋଇ ୨୮.୧୨.୧୯ ରେ ସରିବା କଥା । ହେଲେ ଚାଲିଛି । ଏହାକୁ ଗ୍ରାମବାସୀ ବିରୋଧ କରୁଥିବା କୁହାଯାଉଛି । ଏଣୁ, ସରିପାରୁନି । ଆର.ଡି ରୋଡରୁ ଗୁମୁଲି ରାସ୍ତା ୧୦୦.୭୬୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ଏହି ସଂସ୍ଥା କାମ ୧୦.୧୦.୧୭ ରୁ ଆରମ୍ଭ ହୋଇ ୦୯.୦୭.୧୮ ରେ ସରିବାକଥା ହେଲେ ମାର୍ଚ୍ଚ ୨୦୨୦ ରେ ସରିବ । ବ୍ରାଡିଗୁଡା ଜଙ୍କସନରୁ ରାଇଘର ରାସ୍ତାକାର୍ଯ୍ୟର ଅଟକଳ ମୂଲ୍ୟ ୧୬୫.୩୪୦ କୋଟି । ଏହି କାର୍ଯ୍ୟ ୧୧.୧୦.୨୦୧୭ ରୁ ଆରମ୍ଭ ହୋଇ ୧୦.୦୪.୧୯ ରେ ସରିବା କଥା । ବ୍ୟୟ ଅଟକଳ ୧୬୫.୩୪୦ କୋଟି । ମାର୍ଚ୍ଚ ୨୦୨୦ ରେ ସରିବ । ପିଡବ୍ଲୁଡି ରାସ୍ତାରୁ ଡାଙ୍କୁଣି ୬୫.୧୩୦ ଲକ୍ଷ ଜାନୁୟାରୀ ଶେଷ ସୁଦ୍ଧା ସରିବ । ଏହି ରାସ୍ତାକାର୍ଯ୍ୟ ୧୦.୦୭.୧୮ରୁ ଆରମ୍ଭ ୦୯.୦୧.୨୦୨୦ ରେ ସରିବ । ଖଜୁରୀପଡା ପେନାବାଲି ରାସ୍ତା ୯୬.୯୪୦ ଲକ୍ଷ ଟଙ୍କାରେ ଚାଲିଛି ୨୬.୧୨.୧୬ ରୁ ୨୫.୦୯.୨୦୧୭ ରେ ସରିବା କଥା ହେଲେ ଚାଲିଛି ଯେ, ସରିବାର ନାଁ ଧରୁନି । ଜାନୁୟାରୀ ଶେଷ ସୁଦ୍ଧା ୨୦୨୦ ରେ ସରିବ । ପିଡବ୍ଲୁଡି ରୋଡଠୁ ଡାମାଙ୍ଗନାକୁ ୩୯.୪୭୦ ଲକ୍ଷ । ୨୬.୦୬.୧୮ ରୁ ୨୫.୦୫.୧୯ ରେ ସରିବା କଥା ହେଲେ ମାର୍ଚ୍ଚ ୨୦ ସୁଦ୍ଧା ସରିବ ବୋଲି ବିଭାଗୀୟ ନିର୍ବାହୀଯନ୍ତ୍ରୀ କହିଛନ୍ତି । ଅଳାଁପଟ୍ଟାରୁ ନିତିବାଡି ୭୪.୯୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଛି । ମାର୍ଚ୍ଚ ୨୦୨୦ ରେ ସରିବ । ଉହାଗମ୍ଭାରୀ ରୁ ବାରାହାଲା ରାସ୍ତା ୧୧୮.୭୦୦ କୋଟି ଟଙ୍କାରେ ଚାଲିଛି । ମାର୍ଚ୍ଚ ୩୧, ୨୦୨୦ ରେ ସରିବ । ସୁଡୁକୁମ୍ପାରୁ ମାଦିକୋଲା ୧୩୨.୭୧୦ କୋଟି ଟଙ୍କାରେ ଚାଲିଛି ଜାନୁୟାରୀ ଶେଷ ସୁଦ୍ଧା ୨୦୨୦ ରେ ସରିବ । ମାଝିପଡାରୁ ଗୁରୁପା ୧୨୮.୩୬୦ କୋଟି ଟଙ୍କା ବ୍ୟୟରେ ଚାଲିଛି । ଫେବୃୟାରୀ ୨୦୨୦ ରେ ସରିବ । ବାଡିଙ୍ଗିଆରୁ ମୁକୁଲିଙ୍ଗିଆ ୩୨୬.୧୫୦ କୋଟି ଟଙ୍କା ବ୍ୟୟରେ ଚାଲିଛି ରାସ୍ତା । ଏହି ରାସ୍ତା କାମ ୪.୧୦.୨୦୧୭ରୁ ଆରମ୍ଭ ହୋଇ ୩.୦୯.୨୦୧୮ ରେ ସରିବା କଥା କିନ୍ତୁ ୨୦୨୦ ମାର୍ଚ୍ଚ ସୁଦ୍ଧା ସରିବ । ଚକାପାଦ-ଅର୍ଚ୍ଚାଙ୍ଗି ୫୩୪.୫୭୦ କୋଟି ଟଙ୍କାରେ ଚାଲିଛି । ୧୬.୦୮.୧୪ ରୁ ଆରମ୍ଭ ହୋଇ ୧୫.୦୮.୨୦୧୫ ରେ ସରିବା କଥା ହେଲେ ମାର୍ଚ୍ଚ ୨୦୨୦ ରେ ସରିବ ବୋଲି ନିର୍ବାହୀଯନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ରାସ୍ତାକାମ ବର୍ଷେ କି ୨ବର୍ଷ ନୁହେଁ ୫ ବର୍ଷ ବିତିଲାଣି ସରିବାକୁ ନାହିଁ । ତଲାରୀମାହାଠୁ ପାଡାସିଙ୍ଗ ୨୧୯.୭୯୦ କୋଟି ଟଙ୍କା ବ୍ୟୟରେ ରାସ୍ତାକାର୍ଯ୍ୟ ଚାଲିଛି । ୨୬.୦୬.୧୮ ରୁ ୨୫.୦୫.୧୯ ରେ ସରିବା କଥା । ମାର୍ଚ୍ଚ ୨୦୨୦ ରେ ସରିବ । ସାଡିଙ୍ଗିଆରୁ ରଙ୍ଗାପଦର ୨୧୮.୮୫୦ କୋଟି ଟଙ୍କା ବ୍ୟୟରେ ଚାଲିଛି । ୫.୦୧.୧୮ ରୁ ଆରମ୍ଭ ହୋଇ ୪.୧୦.୧୮ ରେ ସରିବା କଥା ହେଲେ ସରିବାକୁ ନାହିଁ । ମାର୍ଚ୍ଚ ୨୦୨୦ରେ ସରିବ ବୋଲି ବିଭାଗ କହିଛି । ତେବେ, ଏହି ଡିଭିଜନ ଅଧିନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଚାଲିଛି ରାସ୍ତାକାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନସରିବା ଫଳରେ ଲୋକମାନେ ଯିବା ଆସିବାରେ ଅସୁବିଧା ହେଉଛି । ସରକାରଙ୍କ ଲକ୍ଷ୍ୟ ମଧ୍ୟ ସାଧିତ ହୋଇପାରୁନି । କତୃପକ୍ଷ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି । ୪୦ କୋଟି ଟଙ୍କା ମୂଲ୍ୟରେ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ଚାଲିଥିବା ୨୨ଟି ରାସ୍ତାକାର୍ଯ୍ୟ ଯେପରି ଅତିଶିଘ୍ର ସରିବ ଆଉ ଗ୍ରାମାଂଚଳର ଲୋକେ ଗମନା ଗମନର ସୁବିଧା ପାଇବେ ସେଥିପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସମେତ ଜିଲ୍ଲାପାଳ ସତର୍କ ଦୃଷ୍ଟି ଦେବା ଜରୁରୀ । ନଚେତ୍ ପୁଣି ଏଭଳି ଦିନ ପରେ ଦିନ ଗଡିଚାଲିବ ଏଥିରେ ସନ୍ଦେହ ନାହିଁ ।

## ସମୀର ମହାନ୍ତିଙ୍କ ହାତରେ ଓଡିଶା ବିଜେପିର ମଙ୍ଗ

ଭୁବନେଶ୍ୱର, ୧୬।୧(ପି.ଏନ): ରାଜ୍ୟ ବିଜେପିର ସଭାପତି ହୋଇଛନ୍ତି ସମୀର ମହାନ୍ତି । ଗୁରୁବାର ଦିନ ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରୀୟ ନେତାଙ୍କ ଉପସ୍ଥିତିରେ ସେ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଓଡିଶା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ନେତା ନରେନ୍ଦ୍ର ସିଂହ ତୋମାର ଗୁରୁବାର ଅପରାହ୍ନରେ ସମୀର ମହାନ୍ତିଙ୍କ ନାମ ଘୋଷଣା କରିଥିଲେ । ଆଜି ସଭାପତି ପଦବୀ ପାଇଁ ନାମାଙ୍କନ ଦାଖଲ କରାଯାଇଥିଲା । ସମୀର ମହାନ୍ତି ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ଆସନ୍ତାକାଲି ସେ ବିଧିବଦ୍ଧ ଭାବେ ଦାୟିତ୍ୱ ନେବେ ।ସମୀର ମହାନ୍ତି ୨୦୧୬ରୁ ରାଜ୍ୟ ବିଜେପିର ଉପସଭାପତି ଭାବେ କାର୍ଯ୍ୟ କରିଆସୁଛନ୍ତି । ୧୯୭୭ରେ ଏବିଭିପିରୁ ସେ ରାଜ୍ୟନୈତିକ କ୍ୟାରିଅର ଆରମ୍ଭ କରିଥିଲେ ।








## ଟି ଟାଇମ୍

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୧୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ତହସିଲରେ ରାଜସ୍ୱ କର୍ମଚାରୀଙ୍କ ମରୁଡଶ

କେନ୍ଦୁଝର: ସମଗ୍ର କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି ପଡିଥିବା କାରଣରୁ ସାଧାରଣ ଲୋକଙ୍କୁ ସେମାନଙ୍କ ଗୋଟିଏ ସାମାନ୍ୟ କାମ ପାଇଁ ବାରମ୍ୱାର ଦୌଡିବାକୁ ପଡୁଛି । ଏହାର ଜ୍ୱଳନ୍ତ ଉଦାହରଣ ଜିଲ୍ଲାର ଆର .ଟି . ଓ କାର୍ଯ୍ୟାଳୟରେ ହିଁ ଦେଖିବାକୁ ମିଳିଛି । ଏଠାରେ କର୍ମଚାରୀଙ୍କ ଅଭାବ କାରଣରୁ ସରକାରଙ୍କ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲୋକଙ୍କର କାମ ଶେଷ ହେବା ସମ୍ଭହୋଇ ନପାରିବା ଏକ ପ୍ରକାର ନିଶ୍ଚିତ ହେବାକୁ ଯାଉଛି । ଏହି କ୍ରମରେ ନିର୍ଦ୍ଦିଷ୍ଟଭାବେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଝୁମ୍ପୁରା ତହସିଲ କାର୍ଯ୍ୟାଳୟକୁ ଅନୁଧ୍ୟାନ କରାଯାଇପାରେ । ଝୁମ୍ପୁରା ତହସିଲ ଅନ୍ତର୍ଗତ ୬ ଟି ରାଜସ୍ୱ ସର୍କଲରେ କର୍ମଚାରୀ ମରୁଡି ଯୋଗୁଁ ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏବଂ ରାଜସ୍ୱ ସର୍କଲ ଓ ତହସିଲ କାର୍ଯ୍ୟାଳୟ ସମ୍ପର୍କିତ କାମ ସବୁ ଅଧପନ୍ତରିଆ ହୋଇ ମାସ ମାସ ପଡି ରହୁଛି । ତହସିଲ କାର୍ଯ୍ୟାଳୟକୁ ଦୂରଦୂରାନ୍ତ ଜଙ୍ଗଲାଚଂଳ, ଗ୍ରାମାଚଂଳ ଆଦିରୁ ସାଧାରଣ ଲୋକମାନେ ଜମି ଜମା ସମ୍ପର୍କିତ କାମ ପାଇଁ ଆସି ତହସିଲ କାର୍ଯ୍ୟାଳୟରୁ ଖାଲି ହାତରେ ଫେରୁଛନ୍ତି । ଏବଂ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି । ଏବେ ପୁଣି ଏକମାସ ହେବ ତହସିଲଦାର ନ ଥିବାରୁ ଗ୍ରାମବାସୀଙ୍କ ସମସ୍ୟା ଆହୁରି ବଢିଯାଇଛି । ଜମି ମାପଚୁପ, କିସମ ବଦଳାଇବା, ପଟ୍ଟା ପ୍ରଦାନ ସହିତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଏକାବେଳକେ ଠପ୍ ହୋଇଯାଇଛି କହିଲେ ଚନେଳ । ଏଭଳି ସ୍ଥିତିରେ ବାଲି ମାଫିଆ ସଙ୍ଗକୁ ପଥର ,ମୋରମ ଚୋରା ଚାଲଣକାରୀ ତଥା ମାଫିଆ ମାନଙ୍କର ପାଦୁର୍ଭାବ ବଢିଯାଇଛି । ସେମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ କେହି ନାହାଁନ୍ତି । ଅନ୍ୟପଟେ ରାଜସ୍ୱ ଆୟ କମିବାରେ ଲାଗିଛି । ଜିଲ୍ଲା ପ୍ରଶାସନ ମଧ୍ୟ ଏଦିଗରେ ଚିନ୍ତା ପ୍ରକଟ କରିବା ଦିଗରେ ଆଗ୍ରହ ପ୍ରକାଶ କରୁନାହିଁ । ଅତିରିକ୍ତ ତହସିଲଦାର କ୍ରେସେନିଆ ତିର୍କି ଅଫିସ କାମ ନେଇ ବହୁ ସମୟରେ ଜିଲ୍ଲା କାର୍ଯ୍ୟାଳୟରେ ରହୁଥିବାରୁ ଛାତ୍ର ଛାତ୍ରୀ ମାନଙ୍କର ଜାତି, ବାସସ୍ଥାନ ସମ୍ବନ୍ଧୀୟ ସାର୍ଟିଫିକେଟ ଗୁଡିକ ଠିକ ସମୟରେ ମିଳି ପାରୁନାହିଁ । ଛାତ୍ର ଛାତ୍ରୀ ଙ୍କ ସହିତ ଅଭିଭାବକ ଙ୍କ ଏହି ସମସ୍ୟା ବେଶ କଷ୍ଟଦାୟକ ହୋଇପଡିଲାଣି । ଅଭିଯୋଗ କଲେ ବି କେହି ଶୁଣିବାକୁ ନାହିଁ । ଜିଲ୍ଲାରେ ପ୍ରଶାସନିକ ବ୍ୟବସ୍ଥା ଯେଭଳି ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ପହଞ୍ଚି ଅଛି ସେଠାରେ ସାଧାରଣ ଗରୀବ ଲୋକଙ୍କର କଥା କିଏ ବା ଶୁଣିବ । ଏଠାରେ ଏପରି ଅବସ୍ଥା ହୋଇଛି ଯେ ଗ୍ରାମାଚଂଳବାସୀ ଜରୁରୀ କାମ ହେଲେ ମଧ୍ୟ ତହସିଲ କାର୍ଯ୍ୟାଳୟକୁ ଆସିବାକୁ ଆଉ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି ।ଏବଂ ନିଜ ଭାଗ୍ୟକୁ ଆଧାରି ଚୁପଚାପ ରହୁଛନ୍ତି । ସୂଚନା ଅନୁଯାୟୀ ତହସିଲ କାର୍ଯ୍ୟାଳୟ ସମେତ ୬ ଟି ରାଜସ୍ୱ ସର୍କଲରେ ୩୬ ଜଣ କର୍ମଚାରୀଙ୍କ ରହିବାର ପଦବୀ ରହିଥିବା ବେଳେ, ଏବେ କର୍ମଚାରୀଙ୍କ ସଂଖ୍ୟା ମାତ୍ର ୧୯ ଜଣରେ ସୀମିତ ରହିଅଛି । ତହସିଲ କାର୍ଯ୍ୟାଳୟରେ ୭ ଜଣ କିରାଣୀଙ୍କର କାର୍ଯ୍ୟ ୨ ଜଣ କିରାଣୀଙ୍କ ଦ୍ୱାରା ଚାଲିଛି । ଏହି କାର୍ଯ୍ୟ ଦୀର୍ଘ ଦିନ ହେଲା ଚାଲିଛି । ସରକାରଙ୍କର 'ଆମ ତହସିଲ, ଆମ ଗାଁ'ରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ଫେଲ ମାରିଥିବା ବେଳେ ୫-ଟି ମଧ୍ୟ ଏଠାରେ ବିଫଳ ହୋଇଛି । ଏକ ପକ୍ଷରେ ତହସିଲ କାର୍ଯ୍ୟାଳୟ ଏବଂ ରାଜସ୍ୱ ସର୍କଲ କାର୍ଯ୍ୟାଳୟ ଗୁଡିକରେ ଅବ୍ୟବସ୍ଥା ଦେଖା ଦେଇଥିବା ବେଳେ, ଅନ୍ୟ ପକ୍ଷରେ ବାଲି, ପଥର ଚୋରା କାରବାର ବହୁ ପରିମାଣରେ ବଢି ଯାଇଛି ।

ସେମାନଙ୍କ ପାଇଁ ଏବେ ଏହି ଅଞ୍ଚଳ ଭୂସ୍ୱର୍ଗ ପାଲଟିଯାଇଛି । ଲିଜ ନ ଥିବା ଅରଡେଇ ନଦୀ ଏବଂ ନାଳ ମାନଙ୍କରୁ ବେଧଡକ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ, ଜଙ୍ଗଲ ଜାଗା, ଗଛ ପୂର୍ଣ୍ଣ ହୁଡି ମାନଙ୍କରୁ ପଥର ଓ ମୋରମ ଚୋରା ଚାଲାଣ ଚାଲିଛି । ଏ ନେଇ ଗ୍ରାମବାସୀମାନେ ତହସିଲ ତଥା ରାଜସ୍ୱ ସର୍କଲର କାର୍ଯ୍ୟାଳୟ ଗୁଡିକୁ ସୂଚନା ଦେଉଥିଲେ ହେଁ, କର୍ମଚାରୀ ଅଭାବ ଯୋଗୁଁ ବାଲି ଓ ପଥର ଚୋରୀ ଉପରେ ଅଙ୍କୁଶ ଲଗାଯାଇପାରୁ ନାହିଁ, କିମ୍ବା ଚୋରୀ ଲଘୁ ଖଣିଜ ଉପରେ ଜୋରିମାନା ଆଦାୟ ହୋଇପାରୁନାହିଁ । ଫଳରେ ସରକାରଙ୍କର ବହୁ ରାଜସ୍ୱ କ୍ଷତି ଘଟି ଚାଲିଛି । ତହସିଲ କର୍ମଚାରୀ ଅଭାବ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରୁ ଚମ୍ପୁଆ ଉପଜିଲାପାଳ ପ୍ରିତମପ୍ରିତିମୟୀ ଦାସ , ବହୁ ତହସିଲ ଅଫିସରେ କର୍ମଚାରୀ ଅଭାବ ରହିଛି । ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି ।

# ବୌଦ୍ଧରେ ଶିଶୁ ଓ କିଶୋର ଶ୍ରମ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ: ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଓ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଓ ବୌଦ୍ଧ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୌଦ୍ଧ ସମ୍ମିଳନୀ କକ୍ଷରେ ଶିଶୁ ଓ କିଶୋର ଶ୍ରମ(ନିଷେଦ୍ଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ନେଇ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୌଦ୍ଧର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରଭୁରାମ ଦାଶ ଅଧିକାରୀ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ହରିହର ନାୟକ, ସଦସ୍ୟା ମନ୍ଦାକିନୀ କର, ଜିଲା ପରିଷଦ ଉପାଧକ୍ଷ ଅକ୍ରୁର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାପାଳ ଶ୍ରୀ ମିଶ୍ର ଜିଲାକୁ ବାଳ ଶ୍ରମିକ ମୁକ୍ତ କରିବାକୁ ସମସ୍ତ ବିଭାଗିୟ ଅଧିକାରୀ ତଥା ଜନ ସାଧାରଣ ସଜାଗ ରହିବା ଦରକାର ଓ ସେ ଦିଗରେ ଅଧିକ ଗୁରୁତ୍ୱ ଦେବାପାଇଁ ଆହ୍ୱାନ କରିଥିଲେ । ଏହା ସହ ଶିଶୁଟିଏ କୌଣସି ପରିସ୍ଥିତିରେ ଅସୁରକ୍ଷିତ ମଣିଲେ ଓ ଅସୁବିଧାରେ ଦେଖିଲେ ତୁରନ୍ତ ବିଭାଗିୟ ଅଧିକାରୀଙ୍କୁ ତଥା ଲୋକାଲ ପୋଲିସ୍, ଶ୍ରମ ବିଭାଗ କିମ୍ବା ଶିଶୁ ସୁରକ୍ଷା ୟୁନିଟକୁ ତୁରନ୍ତ ସୂଚନା ଦେବା ପାଇଁ ପରାମର୍ଶ ଦେଇଥିଲେ । ଆହୁରି ମଧ ଅସୁରକ୍ଷିତ ଅବସ୍ଥାରେ ଥିବା ସମସ୍ତ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା କରିବା ପାଇଁ ସରକାରଙ୍କର ଅନେକ ଯୋଜନା ରହିଛି ଓ ସେଗୁଡିକର ଉପଯୁକ୍ତ ଲାଭ ଉଠାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାଶ ଜିଲାରେ ଶିକ୍ଷା ଅଧିକାର ଆଇନକୁ ଯଦି ସଠିକ୍ ଭାବରେ କାର୍ଯ୍ୟକାରି କରାଯାଏ ଓ ପଂଚାୟତ ସ୍ତରରେ ଥିବା ଶିଶୁସୁରକ୍ଷା କମିଟିକୁ ଉପଯୁକ୍ତ କ୍ରୀୟାଶିଳ କରି ପାରିଲେ ଶିଶୁଶ୍ରମିକ ପ୍ରଥା ବିଲୋପ ହୋଇପାରିବ ଓ ଶିଶୁମାନେ ସୁରକ୍ଷିତ ରହିପାରିବେ ବୋଲି ମତ ପ୍ରକାଶ କରିଥିଲେ । ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ଅଧିକାରୀ ଶିକ୍ଷାର ସୁନିଶ୍ଚିତତା ତଥା ୬ ବର୍ଷରୁ ୧୪ ବର୍ଷର ଶିଶୁଙ୍କୁ ଶିଶୁ ଶ୍ରମିକ ମୁକ୍ତ । ଏହାଛଡା ପିତା ମାତା ମାନଙ୍କର ସେଚତନତା ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଠିକ୍ କାର୍ଯ୍ୟକାରିତା ଏବଂ ଶିଶୁମାନଙ୍କୁ ନିଯୁକ୍ତି କରୁଥିବା ଲୋକଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କଲେ ଶିଶୁଶ୍ରମିକ ପ୍ରଥାକୁ ବନ୍ଦ କରିହେବ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ସେଠୀ ଜିଲାରୁ ଶିଶୁ ଶ୍ରମିକ ମୁକ୍ତ କରିବାରେ ପଂଚାୟତରାଜ ବ୍ୟବସ୍ଥାର ପ୍ରତିନିଧି ମାନଙ୍କର ବିଶେଷ ଭୂମିକା ରହିଛି ତଥା ସେମାନେ ସଚେତନ ଏବଂ ନିଜ ନିଜ ଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ କଲେ ଶିଶୁମାନଙ୍କୁ ସୁରକ୍ଷିତ ରଖିହେବ ବୋଲି ମତ ପ୍ରକାଶ କରିଥିଲେ । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ହରିହର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନର ବିଭିନ୍ନ ଆଇନଗତ ଦିଗ ଉପରେ ତଥ୍ୟ ଉପସ୍ଥାପନା କରିଥିଲେ । ଶିଶୁ ଶ୍ରମିକ ପ୍ରଥାକୁ ଲୋପ କରିବାକୁ ତଥା ଅନ୍ୟ ଆଇନ୍ ଗୁଡିକ ଯଥା କିଶୋର ନ୍ୟାୟ( ଶିଶୁ ଓ ଯତ୍ନ ସୁରକ୍ଷା ଆଇନ) ୨୦୧୫ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ପ୍ରଶିକ୍ଷକ ଭାବେ ଘାସିରାମ ପଣ୍ଡା, ଆକ୍ସନଏଡ, ଭୁବନେଶ୍ୱର ଯୋଗ ଦେଇ ଶିକ୍ଷା ଅଧିକାର ଆଇନରେ ଥିବା ବିଭିନ୍ନ ଦିଗ ତଥା ଶିଶୁମାନଙ୍କୁ ବିଦ୍ୟାଳୟକୁ ଆସିବା ତଥା ଗୁଣାତ୍ମକ ଶିକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହା ସହ ବିଦ୍ୟାଳୟ ବାହରେ ଥିବା ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣିପାରିଲେ, ଶିଶୁମାନଙ୍କୁ ଶ୍ରମିକ ହେବାରୁ ମୁକ୍ତ କରିପାରିବା ବୋଲି ମତ ପ୍ରକାଶ କରିଥିଲେ । ଆୟୋଗର ଅନ୍ୟତମ ସଦସ୍ୟା ମନ୍ଦାକିନୀ କର ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଜିଲାରେ ଶିଶୁ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଂଶସା କରିଥିଲେ ଓ ଜିଲାକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ପ୍ରୟାସ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

# ନାଗରିକ ସଂଶୋଧନ ଆଇନ ସମର୍ଥନରେ ବୌଦ୍ଧ ଠାରେ ସଭା ଓ ଶୋଭାଯାତ୍ରା

ବୌଦ୍ଧ: କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ନାଗରିକ ସଂଶୋଧନ ଆଇନ ସମର୍ଥନରେ ବୌଦ୍ଧ ଠାରେ ଆଜି ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଅଛି । ଜିଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଐତିହାସିକ ରାମନାଥ ପୀଠ ଠାରୁ ବାହାରି ଗୋପବନ୍ଧୁ ଛକ, ଗାନ୍ଧୀ ଛକ ଦେଇ ସହର ପରିକ୍ରମା କରିବା ପରେ ବସଷ୍ଟାଣ୍ଡ ଠାରେ ପହଂଚିଥିଲା । ଶୋଭାଯାତ୍ରାରେ ପୂର୍ବତନ ସାଂସଦ ତଥା ବିଜେପିର ବରିଷ୍ଠ ନେତା ଐର ଖାରବେଳ ସ୍ୱାଇଁ , ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡା, କନ୍ଧମାଳ ମହିଳା ମୋର୍ଚ୍ଚା ସଭାପତି ଅର୍ଚ୍ଚନା ନାୟକ, କହ୍ନେଇ ଚରଣ ଡାଙ୍ଗ, ପୂର୍ବତନ ବିରୋଧି ଦଳ ନେତା ସଚିଦାନନ୍ଦ ଦଲାଲ, ଦେବାଶିଷ ପୁରୋହିତ, ମନରଞ୍ଜନ ଦାଶ, ସୁଶାନ୍ତ ପ୍ରଧାନ, ସରୋଜ ପ୍ରଧାନ, ରାକେଶ ତ୍ରିପାଠୀ, ରାଜ୍ୟ ଯୁବ ମୋର୍ଚ୍ଚା ସଂପାଦକ ଓମ ପ୍ରକାଶ ମିଶ୍ର, ସୁଶାନ୍ତ ବାଘ,ଯୁଗଲ ସାହୁ, ନମିତା ମିଶ୍ରଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ । ଶୋଭାଯାତ୍ରା ଶେଷରେ ବସଷ୍ଟାଣ୍ଡ ଠାରେ ଏକ ସାଧାରଣ ସଭା ଜିଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭାରେ ପୂର୍ବତନ ସାଂସଦ ତଥା ବିଜେପିର ବରିଷ୍ଠ ନେତା ଐର ଖାରବେଳ ସ୍ୱାଇଁ ଉଦବୋଧନ ଦେଇ କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଅଣାଯାଇଥିବା ନାଗରିକ ସଂଶୋଧନ ଆଇନ ସଂପର୍କରେ ସବିଶେଷ ଆଲୋଚନା କରିବା ସହ ଏହି ଆଇନ ଦ୍ୱାରା ପଡୋଶୀ ଦେଶ ଗୁଡିକରେ ନିର୍ଯ୍ୟାତିତ ହେଉଥିବା ଅଣମୁସଲମାନ ମାନଙ୍କୁ ଭାରତରେ ନାଗରିକତ୍ୱ ପ୍ରଦାନ କରାଯାଇ ସେମାନଙ୍କୁ ମାନବାଧିକାର ଦେବାର ବ୍ୟବସ୍ଥା କରାଯାଇଛି ଏବଂ ଏହାଦ୍ୱାରା ଭାରତର ନାଗରିକମାନେ କୌଣସି ପ୍ରକାରରେ ଭୟଭୀତ ନହେବାକୁ ପରାମର୍ଶ ଦେଇଥିଲେ । ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡା, ଲୋଇସିଂଗା ବିଧାୟକ ମୁକେଶ ମହାଲିଙ୍ଗ, କନ୍ଧମାଳ ମହିଳା ମୋର୍ଚ୍ଚା ସଭାପତି ଅର୍ଚ୍ଚନା ନାୟକ, କହ୍ନେଇ ଚରଣ ଡାଙ୍ଗ, ପୂର୍ବତନ ବିରୋଧି ଦଳ ନେତା ସଚିଦାନନ୍ଦ ଦଲାଲ ପ୍ରମୁଖ ସଭାକୁ ସମ୍ବୋଧିତ କରି ନାଗରିକ ସଂଶୋଧନ ଆଇନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିବା ସହିତ ଏହି ଆଇନ ବିଶ୍ୱର ସବୁଠାରୁ ବଡ ମାନବାଧିକାର ଆଇନ ବୋଲି କହିବା ସହିତ ଏହି ଆଇନକୁ ସଂସଦର ପାରିତ କରାଇ ମୋଦି ସରକାର ଗାନ୍ଧିଜୀଙ୍କ ପ୍ରତି ଅସଲ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି ବୋଲି କହିଥିଲେ । ସଭାକୁ ଦେବାଶିଷ ପୁରୋହିତ ପରିଚାଳନା କରିଥିଲେ ।

# ମାନସିକ ଦିବ୍ୟାଙ୍ଗ ପିଲାଙ୍କ ସହ ଜନ୍ମଦିନ ପାଳନ କଲେ ଅଭିନେତ୍ରୀ ଆହାନା



ଭୁବନେଶ୍ୱର,(ପିଏନ). : ଓଡ଼ିଆ ସିନେ ଜଗତରେ ସୁନ୍ଦରୀ ଅଭିନେତ୍ରୀ ଆହାନା ବରାଳ ଏକ ଅଭିନବ ଢଙ୍ଗରେ ନିଜ ଜନ୍ମଦିନଟିକୁ ପାଳନ କରିଛନ୍ତି । ଜୟଦେବ ବିହାରସ୍ଥିତ 'ଚେତନା' ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟରେ ପିଲାମାନଙ୍କ ସହ କେକ୍ କାଟିଥିଲେ । ନିଜ ଅଭିନୀତ ସିନେମାର ଗୀତର ତାଳେ ତାଳେ ନାଚିବା ସହ ମିଷ୍ଟାନ୍ନ ଓ ଖାଦ୍ୟ ବଣ୍ଟନ କରିଥିଲେ । 'ଭୈରବ' ଚଳଚ୍ଚିତ୍ରରୁ ନିଜର କ୍ୟାରିଅର୍ ଆରମ୍ଭ କରିଥିବା ଆହାନା ପରବର୍ତ୍ତୀ ଚଳଚ୍ଚିତ୍ର 'ବ୍ଲାକ୍‌ମେଲ୍'ରେ ମଧ ନିଜର ଅଭିନୟ ପରାକାଷ୍ଠା ଦେଖାଇଛନ୍ତି । ଆଗାମୀ ଚଳଚ୍ଚିତ୍ର 'ଜଙ୍ଗଲ'ରେ ମଧ ଦର୍ଶକ ତାଙ୍କୁ ଏକ ନୂତନ ଚରିତ୍ରରେ ଦେଖିବାକୁ ପାଇବେ । ସେ ଏକ ଭଲ ଅଭିନେତ୍ରୀ ସହ ଯୁବ ସମାଜସେବୀ ମଧ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ' ସହ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଆନ୍ତି । ଭିନ୍ନ ଢଙ୍ଗରେ ଜନ୍ମଦିନଟିକୁ ପାଳନ କରିଥିବା ଆହାନା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ପାଲଟି ଯାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ'ର ଅଧ୍ୟକ୍ଷ ମୀର ଅହମଦ୍ ଅଲ୍ଲୀ, ଅଭିନେତା ସୂରଜ ତ୍ରିପାଠୀ, ଅତିଶ କୁମାର ରାଉତ, ଚେତନା ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାର୍, ମଲ୍ଲିକ ଆୱେସ୍, ବିନୋଦ କୁମାର ରାଉତ, ନଳିନୀକାନ୍ତ ନାୟକ, ଦୀପକ ନାୟକ, ଅଜିତ, ମଣ୍ଟୁ, ସୁବ୍ରତ ମହନୀ ପ୍ରମୁଖ ଯୋଗ ଦେଇଥିଲେ ।

## ସୁସ୍ଥ ସମାଜ ଗଠନ ପାଇଁ ରାଜ୍ୟସ୍ତରିୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ, (ପିଏନ):- ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସରସ୍ୱତୀ ଶିଶୁମନ୍ଦିର ଠାରେ ରାଜ୍ୟସ୍ତରିୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ପ୍ରତିନିଧି ପ୍ରଦୀପ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରରୁ ମୋଟ୍ ୧୭୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇଥିଲେ । ଭାରତୀୟ ସଂସ୍କୃତି, ସଦାଚାର ଓ ଚିକିତ୍ସା ଅନୁସାରେ ଜୀବନଚର୍ଯ୍ୟା କଲେ ହିଂସାମୁକ୍ତ ସମାଜ ଓ ସୁସ୍ଥ ପରିବାର ଗଠନ ହୋଇପାରିବ ଏହି ସମ୍ବନ୍ଧରେ ଶିକ୍ଷାଦାନ ହୋଇଥିଲା । ବରିଷ୍ଠ ଡ଼ାକ୍ତର ନକୁଳ ସାହୁ ଯୋଗଦେଇ ସ୍ତ୍ରୀରୋଗ, ପ୍ରସୂତୀ ତନ୍ତ୍ର, ମାସାନୁମାସିକ ଗର୍ଭିଣୀ ପରିଚର୍ଯ୍ୟା, ସ୍ତନ୍ୟପାନ ସମ୍ପର୍କରେ ବିଷଦ୍ ଶିକ୍ଷାଦାନ କରିଥିଲେ । ଡା. ବିପିନବିହାରି ସାହୁ ସକଳ ରୋଗର ପ୍ରତିଷେଧକ 'ସ୍ୱର୍ଣ୍ଣ ପ୍ରାଶନ' ର ଉପକାରିତା ସମ୍ବନ୍ଧରେ ବୁଝାଇଥିଲେ । ଶିକ୍ଷା ପାଇଥିବା ଶିକ୍ଷୟିତ୍ରୀ ମାନେ ନିଜ ନିଜ ସ୍କୁଲକୁ ଯାଇ ଅବିଭାବକ ବୈଠକରେ ସୁସ୍ଥ ସମାଜ ଗଠନ ନିମନ୍ତେ ଏହି ଶିକ୍ଷା ସମ୍ବନ୍ଧରେ ସଚେତନ କରାଇବା ପାଇଁ ବିଦ୍ୟାଭାରତୀର ମହତ୍ ଉଦ୍ଦେଶ୍ୟ ରହିଛି ।

## ହାତୀ ଶାବକର ମୃତଦେହ ଉଦ୍ଧାର

ଦେବଗଡ଼, (ପିଏନ): ଦେବଗଡ଼ ବନଖଣ୍ଡ ରେଞ୍ଜ୍ ଅନ୍ତର୍ଗତ ବରଡ଼ାନାଳି ଗ୍ରାମରୁ ଆଜି ଏକ ଛୁଆ ହାତୀର ମୃତଦେହ ଉଦ୍ଧାର ହୋଇଛି । ମୃତ ହାତୀ ଶାବକର ବୟସ ଆନୁମାନିକ ୩ ବର୍ଷ ହେବ । ତେବେ କେଉଁ କାରଣରୁ ତା'ର ମୃତ୍ୟୁ ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ମୃତ ହାତୀ ଶାବକର ଶରୀରରେ କୌଣସି କ୍ଷତ ଚିହ୍ନ ନଥିବାରୁ କୌଣସି ବୟସ୍କ ହାତୀର ଆକ୍ରମଣରେ ହୁଏତ ଏହାର ମୃତ୍ୟୁ ଘଟିଥାଇପାରେ ବୋଲି ବନ ବିଭାଗ ଅନୁମାନ କରୁଛି ।

# ଭାଗବତ ଟୁଙ୍ଗୀକୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ



କେନ୍ଦୁଝର,(ପିଏନ): ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଆଜି ୧୬ଟି ଭାଗବତ ଟୁଙ୍ଗୀକୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରାଯାଇଛି । ଦରବାର୍ ହଲ୍‌ଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପିଡି ଡିଆରଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଭାଗବତ ଟୁଙ୍ଗୀ ହିତାଧିକାରୀଙ୍କୁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଭାଗବତ ଟୁଙ୍ଗୀଗୁଡ଼ିକର ପୁନରୁଦ୍ଧାର ଯୋଜନା ୨୦୧୪ ମସିହାରୁ ଚାଲୁ ରହିଛି । ଏହି କ୍ରମରେ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ୨୫୦ଟି ଭାଗବତ ଟୁଙ୍ଗୀକୁ ପର୍ଯ୍ୟାୟକ୍ରମେ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ପ୍ରଦୂଷଣ ଓ ବ୍ଲାଷ୍ଟିଂରେ କଲବଲ ଜୀବନ, କ୍ରସର ଦାବୀ କଲା ଦଳିତ ଅଧିକାର ମଂଚଞ୍ଚ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଭୁଲିଆସିକୁଆଁ ପଂଚାୟତର ପହରିଆପଡାବାସୀ ପ୍ରଦୂଷଣ ଓ ପଥର ବ୍ଲାଷ୍ଟିଂରେ କଲବଲ ହେଉଥିବା ଅଭିଯୋଗ କରିଛନ୍ତି । ଏନେଇ ଦଳିତ ଅଧିକାର ମଂଚ ପକ୍ଷରୁ ଖଡିଆଳ ତହସିଲଦାର ଏବଂ ନୂଆପଡା ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରି ପହରିଆପଡାରେ ଥିବା ୨ ଗୋଟି କ୍ରସରକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ପହରିଆପଡାକୁ ଲାଗି ରହିଥିବା ଏହି ୨ ଗୋଟି କ୍ରସର ଯୋଗୁଁ ବହୁମାତ୍ରାରେ ପ୍ରଦୂଷଣ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଥିବା ଅଭିଯୋଗ କରିଛନ୍ତି । ଏହିପଡା ଠାରୁ ମାତ୍ର ୧୦୦ ମିଟର ଦୂରତାରେ ୨ ଗୋଟି କ୍ରସର ଥିବାରୁ ବେଆଇନ ବ୍ଲାଷ୍ଟିଂ ଯୋଗୁଁ ଘର ଗୁଡିକର କାନ୍ଥର ଫାଟ ସୃଷ୍ଟି ହେଉଥିବା ବେଳେ ପଥର ସବୁ ଲୋକଙ୍କ ଉପରେ ପଡୁଛି । ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏନେଇ ପଡାବାସୀ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ପଡାର ଗଣ୍ଡାରାମ ପହରିଆ, ରାମସିଂ ପହରିଆ, ସର୍ବେ ପହରିଆ, ରାମ ପହରିଆ, ଜଳଧର ପହରିଆ, ପାଟମତି ପହରିଆ, ତହସିଲ ପହରିଆ, ଲକ୍ଷ୍ମଣ ପହରିଆ, ଅନାମି ପହରିଆ, ସମୁଦ୍ର ପହରିଆ, ରମୁଲା ପହରିଆ, ପ୍ରେମଲାଲ ପହରିଆ, ଜିତେନ ପହରିଆ, କଳାବତୀ ପହରିଆ, ଲାଲମନ ପହରିଆ, ବିଷମ ପହରିଆ, କୁମରମଣି ପହରିଆ ଏବଂ ଡଗ୍ରେ ପହରିଆଙ୍କ ପରିବାର ଲୋକେ ଅଭିଯୋଗ କରି ତୁରନ୍ତ କ୍ରସର ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି । ନଚେତ ଆଗାମୀ ଦିନରେ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମବାସିଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

## ୧୧ତମ ରାଜ୍ୟସ୍ତରୀୟ ପୁସ୍ତକମେଳା

# ପୁସ୍ତକ ବିନା ମନୁଷ୍ୟ ଜଳ ବିହୁନେ ମତ୍ସ୍ୟ ପରି ଜୀବନ:ରାମଚନ୍ଦ୍ର ଖୁଣ୍ଟିଆ

ଯାଜପୁର(ପିଏନ)- ଏକାଦଶ ରାଜ୍ୟ ପୁସ୍ତକ ମେଳାର ଚତର୍ଥ ସଂନ୍ଧ୍ୟା ଅବସରରେ ଶ୍ରମିକ ନେତା ତଥା ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇ ଉଦ୍‌ବୋଧନ କହିଥିଲେ । ପୁସ୍ତକ ବିନା ମନୁଷ୍ୟ ଜଳ ବିହୁନେ ମତ୍ସ୍ୟ ପରି ଜୀବନ । ପୁସ୍ତକ ଦେଶର ଇତିହାସ ସଂସ୍କୃତି ସମ୍ପର୍କରେ ସୂଚିତ କରିଥାଏ । ପୂର୍ବତନମନ୍ତ୍ରୀ ତଥା ଲେଖକ ଶ୍ରୀ ମତଲୁବ୍ ଅଲ୍ଲୀ ଉଦ୍‌ବୋଧନରେ କହିଥିଲେ ପୁସ୍ତକ ମେଳାର ମହକ ଓଡ଼ିଶାରେ ଅନୁଭୂତି ହେଉଛି । ଅନନ୍ୟାର ସଭାପତି ସନ୍ତୋଷ ନନ୍ଦଙ୍କ ପୌରହିତ୍ୱରେ ସଭା ଅନୁଷ୍ଠିତ ହୋବ ସଙ୍ଗେ ସଭାରେ ଅନନ୍ୟ ଉପସଭାପତି ବିଭୂତି ମହାପାତ୍ର, ଇଂ ଶିବ ପ୍ରସାଦ ବଳ, ସଂଗଠକ ପାଣ୍ଡବ ସାହୁ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶ ଇନ୍ଦ୍ରମଣି ନାୟକ । ହୃଷିକେଶ ପତି ଉଦ୍‌ବୋଧନ ଦେଇଥିଲେ, ଡଃ କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ । ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା ଏହି ପୁସ୍ତକ ମେଳା ଯାଜପୁର ସଦର ମହକୁମା ଯାଜପୁର ବାଳାଶ୍ରମ ପଡ଼ିଆରେ ନିରବଚ୍ଛିନ୍ନ ଭାବରେ ପଞ୍ଚ ସନ୍ଧ୍ୟାରେ ପାଦ ଥାପିଛି ଉକ୍ତ ପୁସ୍ତକ ମେଳାକୁ ଯାଜପୁର ତଥା ଜିଲ୍ଲା ବାହାର ବହୁ ଜନସାଧାରଣ ଏହାକୁ ଉପଭୋଗ କରିବାକୁ ରୁଣ୍ଡିଭୁତ ହେବା ସଙ୍ଗେ ବହୁ ପୁସ୍ତକ ଷ୍ଟଲ୍‌ରୁ ପାଠକମାନେ ପୁସ୍ତକ କ୍ରୟ କରୁଥିବାର ଦେଖିବାକୁ ମିଳେ । ଉକ୍ତ ପୁସ୍ତକ ମେଳାକୁ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ଉଦ୍‌ବୋଧନରେ କହିଥିଲେ ଜୀବନର ପ୍ରକୃତ ବନ୍ଧୁ ହେଉଛି ପୁସ୍ତକ । ପୁସ୍ତକ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରେଷ୍ଠ ବାହାକ । ପୁସ୍ତକ ବିନା ମଣିଷ ଜୀବନ ନିରର୍ଥକ ଅଟେ । ଆମ୍ଭେ ଗୁଗୁଲ୍ ଇଣ୍ଟରନେଟ୍‌ରେ ତଥ୍ୟ ପାଉଁ କିନ୍ତୁ ଭାବ ମିଳେ ନାହିଁ । ଯାହାକି ପୁସ୍ତକ ମାଧ୍ୟମରେ ଭାବ ମିଳିଥାଏ । ସେହିପରି ସଭାରେ ମୁଖ୍ୟଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଶ୍ରୀ ଜନ୍ମଜେୟ ଲେଙ୍କା ଉଦ୍‌ବୋଧନରେ କହିଥିଲେ ଯାଜପୁରରେ ଏଭଳି ପୁସ୍ତକ ମେଳା ହେବା ସ୍ୱାଗତ ଯୋଗ୍ୟ ଅଟେ । ସଭାରେ ଅନ୍ୟତମ ବକ୍ତଭାବେ ଯାଜପୁର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରଫେସର ଉଦୟନାଥ ପରିଡ଼ା, ଡ଼. ସୁବ୍ରତ କୁମାର ପୃଷ୍ଟି, ତ୍ୟାଗ ସ୍ୱରୂପାନନ୍ଦଜୀ ମହାରାଜ, ବିଭୂତି ମହାପାତ୍ର, ହୃଷିକେଶ ପତି, ପାଣ୍ଡବ ସାହୁ ଉଦ୍‌ବୋଧ ଦେବା ସଙ୍ଗେ ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ ଏବଂ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାରେ ସଭାପତିତ୍ୱ କରିଥିଲେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ । ରାଜ୍ୟ ପୁସ୍ତକମେଳାରେ ୭୨ ଗୋଟି ଷ୍ଟଲ୍ ଖୋଲାଯିବା ସଙ୍ଗେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟ ମୂଳକ କାର୍ଯ୍ୟକ୍ରମ ଷ୍ଟଲ୍ ଦେଖିବାକୁ ମିଳିଥିଲା । ଏହା ସଙ୍ଗେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାଜପୁରର ବହୁ ଜନସାଧାରଣ ଉଦ୍‌ଘାଟନି ଉତ୍ସବରେ ଯୋଗଦେଇଥିଲେ ।

# ନୂଆବର୍ଷରେ ଅଣଓଡିଆ କଳାକାର ଓ ଲଙ୍ଗୁଳି ନାଚକୁ ବିରୋଧ କରିବ କଳିଙ୍ଗସେନା

ଭୁବନେଶ୍ୱର, (ପିଏନ)- ମନ୍ଦିରମାଳିନୀ ସହର ତଥା ଦେବଭୂମି ଭୁବନେଶ୍ୱର । ଏଠି ଦୈନନ୍ଦିନ ଜୀବନରେ ସାଧାରଣ ଲୋକ ମନ୍ଦିର ଦର୍ଶନ, ଭଜନ, କୀର୍ତ୍ତନ ଶୁଣି ଆତ୍ମତୃପ୍ତି ଲାଭ କରନ୍ତି । ଲୋକମାନଙ୍କ ମଧ୍ୟରେ ଆଧାତ୍ମିକ ଚେତନା ଜାଗ୍ରତ ହୁଏ । ପରିବାରର ପିଲାମାନେ ଶାନ୍ତିଶୃଙ୍ଖଳାରେ ରହନ୍ତି । ଏଠାକାର ପରିବେଶ ବେଶ୍ ସନ୍ତୁଳନ । ଏଭଳି ଏକ ପରିବେଶରେ ଥିବା ସହରକୁ କଳୁଷିତ ଏବଂ ସମାଜର ପରିବେଶକୁ ଦୂଷିତ କରିବା ସହ ଯୌଥ ପରିବାରକୁ ଖଣ୍ଡଖଣ୍ଡ କରିଦେବା ପାଇଁ ଟଙ୍କା ରୋଜଗାର କରିବା ନାଁରେ ବଡ଼ ବଡ଼ ହୋଟେଲ ମାଲିକମାନେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଛନ୍ତି । ଏହି ହୋଟେଲ ବ୍ୟବସାୟୀ ଏପରି କୁତ୍ସିତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଯେ କୌଣସି ବ୍ୟକ୍ତି, ସଂଗଠନ କିମ୍ବା ପ୍ରଶାସନ କେହିବି ପଦୁଟିଏ କହୁନାହାନ୍ତି । ଫଳରେ ସ୍ମାର୍ଟସିଟି ଭୁବନେଶ୍ୱର ଦିନକୁ ଦିନ କଳୁଷିତ ହେବାରେ ଲାଗିଛି । ରାଜଧାନୀରେ ଥିବା ବଡ଼ ବଡ଼ ହୋଟେଲ ମାନଙ୍କରେ ବେଧଡ଼କ ଭାବେ ପ୍ରଦର୍ଶନ ହେବାକୁ ଯାଉଥିବା ଅଶ୍ଳୀଳ ନୃତ୍ୟକୁ କଳିଙ୍ଗସେନା ତୀବ୍ର ବିରୋଧ କରିବା ପାଇଁ ସଜବାଜ ହେଉଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଛାଡ଼ି ହୋଟେଲ ମାଲିକମାନେ ଏଭଳି କଦର୍ଯ୍ୟ ନୃତ୍ୟ ପରିବେଷଣ କରିବା ପାଇଁ ଓଡ଼ିଶା ବାହାରୁ ବଡ଼ ବଡ଼ ସହରରୁ ଆଇଟମ୍ ଡ୍ୟାନ୍ସର ତଥା ଲଙ୍ଗୁଳି ନାଚବାଲିଙ୍କୁ ଆମଦାନୀ କରୁଛନ୍ତି । ଏହାକୁ ବନ୍ଦ କରିବା ପାଇଁ କଳିଙ୍ଗସେନା ଏବେ ଅଣ୍ଟା ଭିଡ଼ିଛି । ଏହାଛଡ଼ା ବିଦେଶୀ ରୂପଜୀବୀମାନଙ୍କୁ ଅଣାଯାଇ ବିଭିନ୍ନ ହୋଟେଲ ମାନଙ୍କରେ ଷ୍ଟକ୍ ରଖାଯାଇଛି ଯାହାକି କମିଶନରେଟ୍ ପୋଲିସର ମୁଣ୍ଡବ୍ୟଥାର କାରଣ ହେଲାଣି । ସୂଚନାଯୋଗ୍ୟ କମିଶନରେଟ୍ ପୋଲିସ କିଛି ଦେହ ବ୍ୟବସାୟୀମାନଙ୍କୁ ଧରିସାରିଲାଣି । ଇଂରାଜୀ ନବବର୍ଷ ପାଳନ ବେଳେ ଲଙ୍ଗୁଳି ନାଚ ଓ ଅଣଓଡିଆ କଳାକାରଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମକୁ କଳିଙ୍ଗସେନା କଡା ବିରୋଧ କରିବ । କୌଣସି ସ୍ଥିତିରେ ମନ୍ଦିରମାଳିନୀ ତଥା ଦେବଭୂମିର ସହର ଭୁବନେଶ୍ୱରରେ ଏଭଳି ଅପସଂସ୍କୃତିକୁ ଗ୍ରହଣ କରାଯିବ ନାହିଁ ଓ କଡା ବିରୋଧ କରାଯିବ ବୋଲି ସେନା ପକ୍ଷରୁ ଆଜି ଚେତାବନୀ ଦିଆଯାଇଛି । ସେନାର ସାଧାରଣ ସଂପାଦକ ସ୍ୱାତୀଶ ରଞ୍ଜନ ସାହୁ ଆଜି ଏଠାରେ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ଶାନ୍ତି ଶୃଙ୍ଖଳାର ସହ କୌଣସି ଉତ୍ସବ ମନାଇବାରେ କାହାକୁ ବାରଣ ନାହିଁ । ହେଲେ ଓଡିଶାରେ ଅପସଂସ୍କୃତିକୁ ପ୍ରୋତ୍ସାହନ ଦେଉଥିବା ହୋଟେଲ ଓ ବାର୍ ଭଳି ସଂସ୍ଥାଙ୍କୁ ବରଦାସ୍ତ କରାଯିବ ନାହିଁ । ଯଦି ହୋଟେଲ ଗୁଡ଼ିକରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯାଏ ତେବେ ଦରକାର ପଡ଼ିଲେ କଳିଙ୍ଗ ସୈନିକମାନେ ସେହିସବୁ ହୋଟେଲରେ ତାଣ୍ଡବ ନୃତ୍ୟ କରିବେ । ଓଡିଶାରେ ଭଲ ଭଲ ଓଡିଆ କଳାକାର ଥିବାବେଳେ ରାଜ୍ୟ ବାହାରରୁ କଳାକାରଙ୍କୁ ଆଣି ଲଙ୍ଗୁଳି ନାଚ କରାଉଥିବା ହୋଟେଲ ଓ ସଂସ୍ଥା ଗୁଡିକୁ ବିରୋଧ କରାଯିବ । କଳିଙ୍ଗ ସୈନିକମାନେ ଜୋର ଜବରଦସ୍ତ ଏଭଳି କାର୍ଯ୍ୟକ୍ରମକୁ ବନ୍ଦ କରିଦେବେ ବୋଲି ଶ୍ରୀ ସାହୁ କହିଛନ୍ତି । ସେ କହିଛନ୍ତି ଯେ ନୂଆବର୍ଷ ପାଳନ ନାଁରେ କିଛି ଉଦ୍‌ଭ୍ରାନ୍ତ ଯୁବକ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଭୁଲି ହୋଟେଲ ଠାରୁ ଆରମ୍ଭକରି ବିଭିନ୍ନ ମଲ୍ ଓ ପାର୍କରେ ବ୍ୟଭିଚାରରେ ମାତୁଛନ୍ତି । ସେମାନଙ୍କୁ ସେହିସବୁ ସ୍ଥାନରେ ବିରୋଧ କରାଯିବା ସହିତ ତାଙ୍କୁ ଧରି ସେମାନଙ୍କ ପରିବାରକୁ ଖବର ଦେବାପାଇଁ ସେନା ଯୋଜନା କରିଛି । ସେହିଭଳି ଓଡିଶାରେ ବହୁ ସୁନାମଧନ୍ୟ କଳାକାର ରହିଛନ୍ତି ଓ ଏମାନଙ୍କ ମଧ୍ୟରୁ ଅନେକ ଜାତୀୟ ସ୍ତରର ନାଁ ବି କମାଇଛନ୍ତି । ହେଲେ କିଛି ବ୍ୟବସାୟୀ ଓ ସଂସ୍ଥା ଏହି ଓଡିଆ କଳାକାରଙ୍କୁ ଅଣଦେଖା କରି ରାଜ୍ୟ ବାହାରୁ ଅତି ନିମ୍ନମାନର କଳା ପ୍ରଦର୍ଶନ କରୁଥିବା କଳାକାରଙ୍କୁ ଆଣି ଏଠାରେ ସେମାନଙ୍କର ଜୋରଦାର ପ୍ରଚାର କରାଉଛନ୍ତି । ତେଣୁ ଏହି ଅଣଓଡିଆ କଳାକାର ଓ ସେମାନଙ୍କ ପୃଷ୍ଠପୋଷକମାନଙ୍କୁ ବିରୋଧ ପାଇଁ ସବୁ ମତେ ଉଦ୍ୟମ କରାଯିବ । ମୋଟାମୋଟି ଭାବେ ନୂଆବର୍ଷରେ କୌଣସି ପ୍ରକାର ଅପସଂସ୍କୃତି ଓ ଓଡିଶା ତଥା ଓଡିଆମାନଙ୍କର ମାନ ସମ୍ମାନରେ ଆଞ୍ଚ ଆଣିଲା ଭଳି କଳାକାର ଓ କାର୍ଯ୍ୟକ୍ରମକୁ ବରଦାସ୍ତ କରାଯିବ ନାହିଁ ବୋଲି ସେନା ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସଂପାଦକ ବିଜୟ ରାଜ, ମନୋଜ ନାୟକ, ସଂପାଦକ ଅବଦୁଲ କୟିମ୍ ଖାନ୍ ପ୍ରମୁଖ ଚେତାବନୀ ଦେଇଛନ୍ତି ।




# ଓଡ଼ିଆ ସ୍ୱାଭିମାନର ଜ୍ୱଳନ୍ତ ପ୍ରତୀକ: ଡ. ଗୋପାଳକୃଷ୍ଣ ଶ୍ରୀଚନ୍ଦନ



**ବି**ଶିଷ୍ଟ ସାହିତ୍ୟିକ, ଓଡ଼ିଆ ଭାଷା ପ୍ରାଣ ଭାବନାରେ ଉଜ୍ଜ୍ୱଳ, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଉତ୍କଳ ସମ୍ମିଳନୀର ପୂର୍ବତନ ସଚିବ, ଉତ୍କଳ ବିକାଶ ପରିଷଦର ଉପଦେଷ୍ଟା, ଦୁନ୍ଦୁଭିର ମୁଖ୍ୟ ସମ୍ପାଦକ ଡ.ଗୋପାଳକୃଷ୍ଣ ଶ୍ରୀଚନ୍ଦନଙ୍କ ପରଲୋକ ହେବାର ବର୍ଷେ ବିତିଗଲା। ୨୦୧୯ ଜାନୁଆରୀ ୨୫ ତାରିଖରେ ସେ ଆମ ଗହଣରୁ ଦୂରେଇ ଯାଇଥିଲେ। ଆଉ ୪ ଦିନପରେ ଅର୍ଥାତ୍ ଜାନୁଆରୀ ୨୮ ତାରିଖ ଦିନ ସେ ୮୫ ବର୍ଷ ବୟସରେ ପଦାର୍ପଣ କରିଥାନ୍ତେ। କିନ୍ତୁ ସେ କାଳର କୁଟିଳ କବଳରେ କବଳିତ ହେଲେ। ଭାଗ୍ୟ ନିୟନ୍ତାଙ୍କ ଇଚ୍ଛାକୁ କିଏ ବା ରୋଧିପାରିବ ? ଓଡ଼ିଆ ଜାତିର ସ୍ୱାଭିମାନ ପାଇଁ ନିରନ୍ତର ଚେଷ୍ଟା କରି ଆସିଥିବା ଡ଼. ଗୋପାଳ କୃଷ୍ଣ ଶ୍ରୀଚନ୍ଦନଙ୍କ ଜନ୍ମ ଖୋର୍ଦ୍ଧା ଉପକଣ୍ଠ କଦଳୀବାଡ଼ି - ନାଉସିଂ ଗ୍ରାମରେ। କଦଳୀବାଡ଼ି ଓ ନାଉସିଂ ଦୁଇଟି ପୃଥକ ରାଜସ୍ୱ ଗ୍ରାମ ହେଲେ ମଧ୍ୟ ବସ୍ତୁତଃ ଏକ ଓ ସଂଲଗ୍ନ ଗ୍ରାମ। ଏଣୁ ଉଭୟ ଗ୍ରାମର ଲୋକେ ନିଜକୁ କଦଳୀବାଡ଼ି ଗ୍ରାମର ଲୋକ ଭାବେ ପରିଚୟ ଦେଇଥାନ୍ତି। ଜଣେ ପାଇକ ସର୍ଦ୍ଦାର ନାଉସିଂଙ୍କ ନାମରେ ନାଉସିଂ ଗଡ଼ ସ୍ଥାପିତ ହୋଇଥିବା ବେଳେ ଖୋର୍ଦ୍ଧାର ପ୍ରଥମ ରାଜା ରାମଚନ୍ଦ୍ର ଦେବ ଏଠାରେ ଅବସ୍ଥାନ କରୁଥିଲେ। ଖୋର୍ଦ୍ଧା ଗଡ଼ ନିର୍ମାଣ ପୂର୍ବରୁ ଏଠାରେ ଅସ୍ଥାୟୀଭାବେ ଅବସ୍ଥାନ କରୁଥିବାରୁ ସେ, ରହୁଥିବା ଜାଗାକୁ ପୁରୁଣା ନଅର ପଡ଼ିଆ କୁହାଯାଏ। ଖୋର୍ଦ୍ଧାରେ ଦୁର୍ଗ ନିର୍ମାଣ କରି ଏଠାରୁ ଚାଲିଗଲେ ମଧ୍ୟ ଏଠାରେ ଥିବା ଏକ ଦୀର୍ଘ ଜଳାଶୟ ନିକଟରୁ ପାଣି ମଡ଼ାଯାଇ କଦଳୀଚାଷ କରାଯାଉଥିଲା। ଏହି କଦଳୀ ବଗିଚାରୁ ଖୋର୍ଦ୍ଧା ଗଡ଼ ନଅରକୁ ପ୍ରତ୍ୟେକ ଦିନ କଦଳୀ ଯାଉଥିଲା। ଏହି କଦଳୀ ଚାଷ ଅଞ୍ଚଳ କଦଳୀବାଡ଼ି ଗ୍ରାମ ନାମରେ ନାମିତ ହୋଇଛି। ଡ. ଗୋପାଳକୃଷ୍ଣ ଶ୍ରୀଚନ୍ଦନଙ୍କ ଘର ଏହି ଗ୍ରାମରେ। ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ପଲ୍ଲୀର ଦଳବେହେରା ଦଳେଇପୁଟ ଚାଲିଆସିଥିବାବେଳେ ସାନ ଅଂଶ ନାଉସିଂହ-କଦଳୀବାଡ଼ି ଚାଲି ଆସିଥିଲେ। ସ୍ୱର୍ଗତ ଗୋପାଳକୃଷ୍ଣ ଏହି ଦଳବେହେରା ବଂଶର ଦାୟାଦ। ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ଓ ଭାଷାପ୍ରେମୀ।

ଖୋର୍ଦ୍ଧାର ପ୍ରଥମ ଶାସକ ଗଜପତି ରାମଚନ୍ଦ୍ର ଦେବ ଖୋର୍ଦ୍ଧାରେ ନୂତନ ଗଡ଼ ସ୍ଥାପନ ହେବା ପୂର୍ବରୁ କଦଳୀବାଡ଼ି-ନାଉସିଂହ ଗଡ଼ରେ ରହୁଥିଲେ। ସେହି ଭାବନା ତାଙ୍କ ମନରେ ଆନ୍ଦୋଳିତ ହେଉଥିଲା। ଗଜପତି ରାମଚନ୍ଦ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କୁ କୁଜଙ୍ଗରୁ ଆଣି ପୁରୀ ଶ୍ରୀମନ୍ଦିରରେ ସ୍ଥାପନ କରିଥିଲେ। ସେହି ଘଟଣାକୁ ସ୍ମରଣ କରି ଗୋପାଳକୃଷ୍ଣ ବାବୁ ଖୋର୍ଦ୍ଧା ଗଡ଼ ପଞ୍ଚପାଇକ ଛକରୁ ପୁରୀ ଯାଇଥିବା ପଟ୍ଟନାୟିକା ରାସ୍ତା ପର୍ଯ୍ୟନ୍ତ ରାସ୍ତାକୁ ରାମଚନ୍ଦ୍ର ଦେବଙ୍କ ନାମରେ 'ଅଭିନବ ଇନ୍ଦ୍ରଦ୍ୟୁମ୍ନ ମାର୍ଗ' ନାମରେ ନାମିତ କରିବାକୁ ବାରମ୍ବାର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଗଜପତି ଇନ୍ଦ୍ରଦ୍ୟୁମ୍ନ ଦେବ ଯେମିତି ପୁରୀ ଜଗନ୍ନାଥ ମନ୍ଦିରର ନିର୍ମାଣ କରି ଇତିହାସରେ ଖ୍ୟାତିଲାଭ କରିଛନ୍ତି, ଠିକ୍ ସେହିପରି ଗଜପତି ରାମଚନ୍ଦ୍ର ଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କୁ କୁଜଙ୍ଗରୁ ଆଣି ପୁରୀ ଶ୍ରୀମନ୍ଦିରରେ ସ୍ଥାପନ କରି ଏକ ବଡ଼କାମ କରିଛନ୍ତି। ତେଣୁ ରାମଚନ୍ଦ୍ର ଦେବ ହେଉଛନ୍ତ ଅଭିନବ ଇନ୍ଦ୍ରଦ୍ୟୁମ୍ନ। ଅତଏବ ତାଂକ ନାମରେ 'ଅଭିନବ ଇନ୍ଦ୍ରଦ୍ୟୁମ୍ନ ମାର୍ଗ' କରାଯାଉ ବୋଲି ଗୋପାଳବାବୁ ଆନ୍ତରିକ ଇଚ୍ଛା କରୁଥିଲେ। ତେବେ ସେ ସ୍ୱପ୍ନ ଅଧୁରା ରହିଗଲା। ଖୋର୍ଦ୍ଧାର ଗୌରବମୟ ଇତିହାସ ତଥା ପାଇକ ବିଦ୍ରୋହ ସଂପର୍କରେ ତାଂକର ଗବେଷଣାତ୍ମକ ଲେଖାଗୁଡ଼ିକ ଖୋର୍ଦ୍ଧା ତଥା ଓଡ଼ିଶା ଇତିହାସ ପାଇଁ କାଳଜୟୀ ହୋଇ ରହିବ। ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ମିଳିବାରେ ତାଂକର ଅନେକ ଅବଦାନ ରହିଛି ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହେବ। ବହୁ ପତ୍ରପତ୍ରିକା ଏବଂ ଉତ୍କଳ ବିକାଶ ପରିଷଦର ମୁଖପତ୍ର 'ଦୁନ୍ଦୁଭି'ରେ ତାଂକର ପ୍ରକାଶିତ ଲେଖାଗୁଡ଼ିକ ସେସବୁର ମୂକସାକ୍ଷୀ। କେବଳ ଇତିହାସ ନୁହେଁ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ପାଇଁ ସେ ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଉତ୍କଳ ସମ୍ମିଳନୀର ସଭାପତି ଓ ସମ୍ପାଦକ ପଦ ଲାଭ କରିଥିବାରେ ଖୋର୍ଦ୍ଧା ଉପଖଣ୍ଡର ୩ଜଣଙ୍କ ନାମ ଚର୍ଚ୍ଚାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ମଧୁବାବୁଙ୍କ ପ୍ରେରଣା ଲାଭକରି ହଳଦିଆ ଗଡ଼ର ଅଭିରାମ ଭଂଜ ସମ୍ପାଦକ ହୋଇଥିଲେ। ପରବର୍ତ୍ତୀ ସମୟରେ ଚିଲିକାର ପ୍ରଥମ ବିଧାୟକ ତଥା ଜରିପଡ଼ା ଜମିଦାର ରଘୁନାଥ ରାୟ ୧୯୩୮-୪୧ରେ ସଭାପତି ଥିଲେ। ତାଙ୍କର ବହୁ ପରେ ଡ. ଗୋପାଳକୃଷ୍ଣ ଶ୍ରୀଚନ୍ଦନ ସମ୍ପାଦକ ପଦଲାଭ କରିଥିଲେ। ଜଣେ ସାହିତ୍ୟିକ ଭାବରେ ତାଙ୍କ ରଚିତ କରବାଳ କରତାଳ ହରତାଳ, ଅଭିଶପ୍ତ ଇନ୍ଦ୍ରଦ୍ୟୁମ୍ନ, ଜାତି ସାହିତ୍ୟ ସଂସ୍କୃତି, ଓଡ଼ିଆ ସାହିତ୍ୟରେ ଲେଖିକା, ସୀମନ୍ତନୀର ଡ଼ାଏରୀ, ସୋସିଆଲ ସେଲେଷ୍ଟିଆଲ ସଙ୍ଗସ୍, ସମ୍ପ୍ରସାରଣ ସାହିତ୍ୟ, ଟ୍ରାଇବାଲ ଡ଼େଭେଲପମେଂଟ୍ଆଣ୍ଡ ୱେଲଫେର ଲେଜିସଲେସନ ଇନ୍ ଓଡ଼ିଶା ଆଦି ଗବେଷଣାତ୍ମକ ପୁସ୍ତକ ରଚନା କରିଛନ୍ତି। ପ୍ରବନ୍ଧ, କବିତା, ନାଟକ ଓ ଏକାଙ୍କିକା ଆଦି ରଚନାରେ ସେ ପ୍ରବୀଣ ଥିଲେ। ନିଜ ଗ୍ରାମର ବିକାଶରେ ମଧ୍ୟ ତାଙ୍କର ଆଗ୍ରହ ଥିଲା। ଗ୍ରାମର ସାଂସ୍କୃତିକ କାର୍ଯ୍ୟମାନଙ୍କରେ ସେ ଯୋଗଦେଇ ଗ୍ରାମବାସୀଙ୍କ ମନରେ ଉତ୍ସାହ ଉଦ୍ଦୀପନା ଭରି ଦେଉଥିଲେ। ତାଙ୍କ ବିୟୋଗ ଉତ୍କଳ ସମ୍ମିଳନୀ, ଉତ୍କଳ ବିକାଶ ପରିଷଦ, ବିଭିନ୍ନ ସାରସ୍ୱତ ଓ ସାଂସ୍କୃତିକ ସଂଗଠନ ତଥା ନିଜ ଗ୍ରାମବାସୀ ତଥା ଖୋର୍ଦ୍ଧା ସହରର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଗଭୀର ହତାଶା ଭାବ ସୃଷ୍ଟି କରିଛି। ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ବିଷୁବ ମିଳନ ସମିତି ପକ୍ଷରୁ ଅନୁଷ୍ଠିତ ହେଉଥିବା ବିଷୁବ ମିଳନ କାର୍ଯ୍ୟକ୍ରମକୁ ତାଂକୁ ଅତିଥି ଭାବେ ନିମଂତ୍ରଣ କରି ସମ୍ବର୍ଦ୍ଧିତ କରିବାକୁ ଚାହିଁଥିଲୁ, ହେଲେ ତାହା ହୋଇପାରିଲାନି। ସେଇ ଗୋଟିଏ ଦିନରେ ସେ ଉତ୍କଳ ବିକାଶ ପରିଷଦର ବିଷୁବ ମିଳନ କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ରହୁଥିବାରୁ ଖୋର୍ଦ୍ଧା ଆସିପାରୁନଥିଲେ। ସେ କେବଳ ଜଣେ ସାହିତ୍ୟ, ସଂସ୍କୃତିପ୍ରାଣ ବ୍ୟକ୍ତିତ୍ୱ ନ ଥିଲେ, ସେ ଥିଲେ ଜଣେ ସାଧୁ ଓ ସଚ୍ଚୋଟ ବ୍ୟକ୍ତି, ଜଣେ ନିଷ୍କପଟ ଭଲଲୋକ, ଭଦ୍ରଲୋକ। ତାଂକର ଅଭାବ ଅପୂରଣୀୟ। ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସେଇ ମହାନ୍ ଆତ୍ମାଂକୁ ସ୍ମରଣ କରୁଛି।

**ସତ୍ୟବାଦୀ ବଳିଆରସିଂହ**, **ସଭାପତି, ଖୋର୍ଦ୍ଧା ବିଷୁବ ମିଳନ ସମିତି, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା-୭୫୨୦୫୫, ମୋ-୯୨୩୭୦୮୯୫୦୯**

## ଚାଷୀ ପ୍ରତିନିଧିଙ୍କୁ ବିଭାଗୀୟ ଅଧିକାରୀଙ୍କ ଦୃଢ଼ୋକ୍ତି

ବ୍ରହ୍ମପୁର (ପିଏନ୍): ବହୁ ପ୍ରତୀକ୍ଷିତ ଘଟକେଶ୍ୱର ବହୁମୁଖୀ ଜଳସେଚନ ପ୍ରକଳ୍ପ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ଦେଢ଼ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ଚାଷୀମାନେ ଉପକୃତ ହେବେ ବୋଲି ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ଲଡୁ କିଶୋର ସାବତ ଓ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାସ ଏକ ଚାଷୀ ପ୍ରତିନିଧିଙ୍କୁ କହିଛନ୍ତି। ମିଳିତ ଚାଷୀ ସଂଗଠନ ପକ୍ଷରୁ ଦୀର୍ଘଦିନରୁ ପଡ଼ି ରହିଥିବା ଘଟକେଶ୍ୱର ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରିବା ପରେ ଜଳସେଚନ ବିଭାଗ ପକ୍ଷରୁ ଉପରୋକ୍ତ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୧୯୮୬ ମସିହାରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ। ୧୯୮୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେତେବେଳେ ଏହି ପ୍ରକଳ୍ପ ପାଇଁ ୨୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ଏବଂ ୩୦ ବର୍ଷ ପରେ ୨୦୧୬ ମସିହା ଜୁନ ୧୧ ତାରିଖରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନଃ ଶିଳାନ୍ୟାସ କରିଥିଲେ। ୩୩ ବର୍ଷ ପରେ ଏହାର ବର୍ତ୍ତମାନ ଅଟକଳ ୪ ଗୁଣ ବଢ଼ି ୧୧୮ କୋଟି ୯୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ବ୍ରହ୍ମପୁର ମହାନଗରକୁ ପାନୀୟ ଜଳ ଯୋଗାଣ ସହିତ କୁକୁଡ଼ାଖଣ୍ଡି ବ୍ଲକର ୮ଟି ପଞ୍ଚାୟତର ୫୦୦ ହେକ୍ଟର ଚାଷଜମିକୁ ଜଳସେଚନ ହୋଇପାରିବ ବୋଲି ପରିକଳ୍ପନା କରାଯାଇଥିଲା। କୁକୁଡ଼ାଖଣ୍ଡି ବ୍ଲକର ସିହଳା, କଙ୍କିଆ, ବାଘଲଟିର ୮ଟି ପଞ୍ଚାୟତ ସହ ୭୫ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ଏହି ଯୋଜନାର ନିର୍ମାଣ କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ (ଓସିସି)କୁ ଟେଣ୍ଡର ଦିଆଯାଇଛି। ସମସ୍ତ କାର୍ଯ୍ୟ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଉଭୟ ଇଞ୍ଜିନିୟର ଶ୍ରୀ ସାବତ ଓ ଶ୍ରୀ ଦାସ ଏହି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଲଙ୍ଗଳେଶ୍ୱର କୃଷକ ସଭାର ସଭାପତି ବୃନ୍ଦାବନ ବେହେରା ପ୍ରମୁଖ ଚାଷୀ ନେତାମାନେ ଉପସ୍ଥିତ ଥିଲେ।

## 'ସେସୁ' ବିଜୁଳି ସଂଯୋଗ ବିଚ୍ଛିନ୍ନ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର (ପିଏନ୍): ରାଜ୍ୟର ୫ ଲକ୍ଷ ୯୦ ହଜାର ଘରୋଇ ବିଜୁଳି ଗ୍ରାହକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଜୁଳି ସଂଯୋଗ ବିଚ୍ଛିନ୍ନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ ସେସୁକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛି ସମାଜବାଦୀ ପାର୍ଟି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏ ବାବଦରେ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ, ସେସୁ ବାକିଆ ବିଜୁଳି ବିଲ୍ ଆଦାୟ ପାଇଁ ସରକାରୀ ଅଫିସ୍‌ଗୁଡ଼ିକ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି। ତେଣୁ ସାଧାରଣ ଖାଉଟିଙ୍କୁ ମଧ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଜୁଳି ବିଲ୍ ପଇଠ ପାଇଁ ସମୟ ଦିଆଯାଉ। ଆଇନ୍‌କୁ ସମସ୍ତଙ୍କ ପାଇଁ ସମାନ ଢଙ୍ଗରେ ପ୍ରୟୋଗ କରାଯାଉ। ପୁନଶ୍ଚ ଆଗାମୀ ଦିନରେ ମାଟ୍ରିକ ପରୀକ୍ଷା, +୨, ସିବିଏସ୍‌ଇ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ସବୁ ହେବ। ବିଜୁଳି କଟାଗଲେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହାକୁ ଆଖିଆଗରେ ରଖି କିଭଳି ବିଚ୍ଛିନ୍ନ କାର୍ଯ୍ୟକ୍ରମକୁ ୩ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ଜାନୁଆରୀ ୧୫ ତାରିଖ ସରକାରୀ ଛୁଟି ଘୋଷଣା କରାଯାଇଅଛି। ୧୫ ତାରିଖ ସୁଦ୍ଧା ଯେଉଁ ଖାଉଟିମାନେ ବାକିଆ ବିଜୁଳି ବିଲ୍ ପଇଠ ନକରିବେ ଜାନୁୟାରୀ ୧୬ ତାରିଖ ଦିନ ସେମାନଙ୍କ ବିଜୁଳି ବିଚ୍ଛିନ୍ନ କରାଯିବ ବୋଲି ସେସୁର ସି.ଇ.ଓ. ଅରୁଣ ବୋଥ୍ରା ଘୋଷଣା କରିଛନ୍ତି। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାକୁ ଆଖି ଆଗରେ ରଖି ଖାଉଟିମାନଙ୍କ ସ୍ୱାର୍ଥ ଓ ଛାତ୍ରଛାତ୍ରୀମାନଙ୍କୁ ଦୃଷ୍ଟିରେ ରଖି ସେସୁକୁ ବିଜୁଳି ବିଚ୍ଛିନ୍ନ ନ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଶ୍ରୀ ବେହେରା ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ମକର ସଂକ୍ରାନ୍ତିର ପୌରାଣିକ ମହତ୍ୱ ଓ ପ୍ରଭୁ ଶ୍ରୀରାମଚନ୍ଦ୍ର



**ମ**କର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ। ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି। ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି। ଏଥିରେ ଲେଖାଅଛି-'ରାମ ଇକ୍ ଦିନ ଚଙ୍ଗ ଉଡାଇ। ଇନ୍ଦ୍ରଲୋକ ମେଁ ପହୁଞ୍ଚି ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ତାମିଲ୍ ଭାଷାରେ ରଚିତ ନନ୍ଦନାରାମାୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା। ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସୁନ୍ଦର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ। ଏହାପରେ ସେ ଗୁଡିଟିକୁ କାଟି ରଖିଦେଇଥିଲେ। ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ନପାରିନଥିଲେ। ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ। ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ। ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ। ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ। ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ। ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ। ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, **ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ଫକୀରମୋହନ ସେନାପତି



**ଓ**ଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଫକୀରମୋହନ ସେନାପତି। ବ୍ୟାସକବି ନାମରେ ସେ ପ୍ରସିଦ୍ଧ। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରର ଏକ ଖଣ୍ଡାୟତ ପରିବାରରେ ୧୮୪୩ ମସିହା ଆଜିର ଦିନରେ ସେ ଜନ୍ମ ଗ୍ରହଣ କରିଥିଲେ। ପିଲା ଦିନରୁ ମାତାପିତାଙ୍କୁ ହରାଇ ଜେଜେମା'ଙ୍କ ପାଖରେ ସେ ବଢ଼ିଥିଲେ। ବାଲେଶ୍ୱରସ୍ଥିତ ବାରବାଟୀ ସ୍କୁଲରେ ଅଧ୍ୟୟନ କରିଥିଲେ ହେଁ ଆର୍ଥିକ ଦୁରାବସ୍ଥା ଯୋଗୁଁ ପଢ଼ା ଛାଡ଼ି ସେହି ସ୍କୁଲ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଶିକ୍ଷକତା କରିଥିଲେ। ପରେ ବାଲେଶ୍ୱର ମିଶନ୍ ସ୍କୁଲରେ ୧୮୭୧ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ବଙ୍ଗଳା ଆଦି ଭାଷାରେ ତାଙ୍କର ଦକ୍ଷତା ଯୋଗୁଁ ବୁଦ୍ଧିଜୀବୀ ମହଲରେ ସେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ୧୮୯୬ରୁ ୧୯୦୫ ପର୍ଯ୍ୟନ୍ତ କଟକର ବିଭିନ୍ନ ସାହିତ୍ୟିକ ଅନୁଷ୍ଠାନରେ ଫକୀରମୋହନ ଅଂଶ ଗ୍ରହଣ କରିଥିଲେ। ୧୮୫୬ରେ ସେ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସେ ୧୮୭୧ରେ ପୁନର୍ବାର ବିବାହ କରିଥିଲେ। ତାଙ୍କ ପାରିବାରିକ ଜୀବନ ଅତ୍ୟନ୍ତ କଷ୍ଟଦାୟକ ଥିଲା। ଓଡ଼ିଆ ଉପନ୍ୟାସ ସାହିତ୍ୟର ସେ ଥିଲେ ସୃଷ୍ଟିକର୍ତ୍ତା। ୧୮୯୭ରୁ ୧୯୧୫ ମଧ୍ୟରେ ତାଙ୍କ ରଚିତ ୪ଟି ଉପନ୍ୟାସ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ଓଡ଼ିଶାର ସାମାଜିକ ଅବସ୍ଥାର ନିଛକ ଦର୍ପଣ। ୧୮୯୮ରେ ତାଙ୍କ ରଚିତ ରେବତୀ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଛି। ତାଙ୍କ ଅନ୍ୟାନ୍ୟ କ୍ଷୁଦ୍ରଗଳ୍ପ ମଧ୍ୟରେ ପେଟେଣ୍ଟ ମେଡ଼ିସିନ୍, ଡାକମୁନ୍‌ସି, ଅଧର୍ମ ବିତ୍ତ, ରାଣ୍ଡି ପୁଅ ଅନନ୍ତା, ଅନ୍ୟତମ। ଫକୀରମୋହନଙ୍କ କବିତା କୃତି ମଧ୍ୟରେ ପୁଷ୍ପମାଳା, ଉପହାର, ପୂଜାଫୁଲ, ପ୍ରାର୍ଥନା ଓ ଧୂଳି ଆଦି ପ୍ରଧାନ। ଏତତ୍ ବ୍ୟତୀତ ମହାଭାରତ ଓ ରାମାୟଣ କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ। ତାହା ଆକ୍ଷରିକ ନୁହେଁ ଭାପବାନୁବାଦ। ତତ୍କାଳୀନ ବାମରାର ରାଜାଙ୍କ ଦ୍ୱାରା ସେ ସରସ୍ୱତୀ ଉପାଧିରେ ଭୂଷିତ ହୋଇଥିଲେ। ୧୮୬୮ରେ ନିଜସ୍ୱ ପ୍ରଚେଷ୍ଟାରେ ସେ ବାଲେଶ୍ୱରରେ ଉତ୍କଳ ପ୍ରେସ ନାମରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ସାହିତ୍ୟ ସାଧନାରେ ନିଜର ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରିଥିବା ଏହି ମହାପୁରୁଷ ୧୪ ଜୁନ୍ ୧୯୧୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରସ୍ଥିତ ଏକ ଖଣ୍ଡାୟତ ପରିବାରରେ ୧୮୪୩ ପବିତ୍ର ମକର ସଂକ୍ରାନ୍ତି ତିଥିରେ ଜନ୍ମ ଗ୍ରହଣ କରିଥିଲେ ଫକୀରମୋହନ ସେନାପତି। ସେଥିପାଇଁ ତାଙ୍କୁ ସଂକ୍ରାନ୍ତି ପୁରୁଷ କୁହାଯାଏ।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୯୩୭୧୭୨୮୧୦**

# ଧଉଳି କଳା ମହାକୁମ୍ଭ: ନେପାଳ ଚିତ୍ରଶିଳ୍ପୀ ଭୀମ ସିଂହ, ଓଡ଼ିଆଶିଳ୍ପୀ ଅଲେଖ ସାହୁଙ୍କୁ କଳାଶ୍ରୀ ସମ୍ମାନ



ଭୁବନେଶ୍ୱର (ପିଏନ୍): ତୃତୀୟ ଆନ୍ତର୍ଜାତୀୟ ଧଉଳି କଳା ଉତ୍ସବର ଦ୍ୱିତୀୟ ଦିନରେ ୯୦ଜଣ ବିଦେଶୀ ଓ ଭାରତୀୟ ଶିଳ୍ପୀଙ୍କୁ ନେଇ ଆରମ୍ଭ ହୋଇଥିଲା ବୃହତ୍ତମ ଚିତ୍ରକଳା ଶିବିର। ବିଶ୍ୱଶାନ୍ତି ବିଷୟ ଆଧାରରେ ଚିତ୍ରଶିଳ୍ପୀମାନେ କ୍ୟାନଭାସରେ ସୁସଜ୍ଜିତ କରିଥିଲେ ଧଉଳି ପାଦଦେଶକୁ ଯେଉଁଥିରେ ସେମାନେ ନିଜ ଶୈଳୀର ଚିତ୍ରକଳାକୁ କ୍ୟାନଭାସରେ ରୂପାୟିତ କରିଥିଲେ। ଶିବିରକୁ ଓଡ଼ିଶା ଖଦୀ ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ, ବରିଷ୍ଠ ଚିତ୍ରଶିଳ୍ପୀ ଜଗଦିଶ ଚନ୍ଦ୍ର କାନୁନ୍‌ଗୋ, ଏନଟିପିସିର ଏଡ଼ିସନାଲ ଜେନେରାଲ ମ୍ୟାନେଜର ମଞ୍ଜୁଲ ତିୱାରୀ ଉଦ୍‌ଘାଟନ କରି ନେପାଳ, ବାଲାଂଦେଶ, କୋରିଆ, ଅଷ୍ଟ୍ରେଲିଆ, ଜାପାନ, ଆମେରିକା ଓ ଭାରତ ଆଦି ଦେଶରୁ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କ କଳା ମହାକୁମ୍ଭ ହୋଇଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରୁ ଗୌରାଙ୍ଗ ବାରିକ, ପ୍ରବୀର ଦଲାଇ, ଡ. ଚକ୍ରଧର ବେହେରା, ଚନ୍ଦ୍ରଶେଖର ସେଠୀ, ପ୍ରିୟଦର୍ଶିନୀ ମହାନ୍ତି, ଚିନ୍ତାମଣି ବିଶ୍ୱାଳ, ସୁସ୍ମିତା ସାହୁ, ପ୍ରମୋଦ କୁମାର ମହାନ୍ତି, ଚାରୁଚନ୍ଦ୍ର ଦାସ, ମମତା ସାମନ୍ତରାୟ, ପରମେଶ୍ୱର ମେହେର, ମୀନକେତନ ପଟ୍ଟନାୟକ, ପ୍ରଣବ ଅଖଣ୍ଡ ଆଦି ୨୦ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ଆଜୀବନ କଳା ସାଧନ ପାଇଁ କଳା ଐତିହାସିକ ଅଲେଖ ସାହୁ ଓ ନେପାଳର ବରିଷ୍ଠ ଚିତ୍ରଶିଳ୍ପୀ ଭୀମ ପ୍ରସାଦ ସିଂହଙ୍କୁ କଳାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଆନ୍ତର୍ଜାତୀୟ କଳା ଉତ୍ସବରେ ଶିଳ୍ପୀମାନଙ୍କ ଦ୍ୱାରା ଲାଇଫ ପେଣ୍ଟିଙ୍ଗ ଓ ଓଡ଼ିଶାର ବିଭିନ୍ନ ପାରମ୍ପରିକ କଳା ପ୍ରଦର୍ଶନ ସହ ବାଲାଂଦେଶ ଓ ପଶ୍ଚିମବଙ୍ଗର ପଟଚିତ୍ର ମଧ ସଙ୍ଗୀତ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଟେକ୍ନୋ ପକ୍ଷରୁ ସ୍ପାର୍କ ସିରିଜ୍‌ର ନୂଆ ସ୍ମାଟଫୋନ୍ ସ୍ପାର୍କ ଗୋ ପ୍ଲସ୍‌ର ବଜାର ପ୍ରବେଶ

ଭୁବନେଶ୍ୱର-ଅଗ୍ରଣୀ ପ୍ରିମିୟମ୍ ସ୍ମାଟଫୋନ୍ ନିର୍ମାତା ଟେକ୍ନୋ ମୋବାଇଲ୍ ପକ୍ଷରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରାନ୍ସସିଅନ୍ ଇଣ୍ଡିଆର ସ୍ପାର୍କ ସିରିଜ୍‌ର ନୂଆ ସ୍ମାର୍ଟଫୋନ୍ ସ୍ପାର୍କ ଗୋ ପ୍ଲସ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ଏହାର ମୂଲ୍ୟ ୬୨୯୯ ଟଙ୍କା ରହିଛି । ୮ଏମ୍‌ପି ସେଲଫି କ୍ୟାମେରା, ୮ଏମ୍ ପି ପଛ କ୍ୟାମେରା, ଡୁଆଲ୍ ଫ୍ଲାଶ୍ ଲାଇଟ୍, ଏଆଇ ସିଷ୍ଟମ୍ ଏବଂ ଫିଙ୍ଗରପ୍ରିଂଟ୍ ସେନସର ରହିଛି । ଏଥିରେ ୪୦୦୦ଏମ୍‌ଏଏଚ୍ ଦୀର୍ଘ ବ୍ୟାଟେରୀ ଲାଇଫ୍ ରହିଛି । ଏହା ୬ ଘଂଟାର ଭିଡ଼ିଓ ପ୍ଲେ ବ୍ୟାକ୍, ୨୬ ଘଂଟାର କଲିଂ, ୬.୯ ଘଂଟାର ଗେମିଂ, ୫.୭ ଘଂଟାର ୱେବ୍ ବ୍ରାଉଜିଂ ଏବଂ ୧୧୦ ଘଂଟାର ମ୍ୟୁଜିକ୍ ସୁବିଧା କେବଳ ଥରେ ଚାର୍ଜରେ ଉପଲବ୍ଧ କରିବ । ୩୪୩ ଘଂଟାର ଷ୍ଟାଣ୍ଡ ବାଏ ସୁବିଧା ରହିଛି । ଏଥିରେ ୬.୫୨ ଇଂଚ ଏଚଡି ପ୍ଲସ୍ ଡଟ୍ ନଚ୍ ସ୍କ୍ରିନ୍, ୨୦:୯ ଆସପେକ୍ଟ ରେସିଓ, ୨.୦ ଜିଏଚଜେଡ୍ କ୍ୱାଡା କୋର୍ ସିପିୟୁ ପ୍ରୋସେସର ରହିଛି । ଏଥିରେ ଆଣ୍ଡ୍ରଏଡ୍ ୯.୦ ଗୋ ଭର୍ସନ୍ ସଫ୍ଟୱେର ରହିଛି । ୮୯.୫% ସ୍କ୍ରିନ୍ ଟୁ ବଡ଼ି ରେସିଓ ରହିଛି । ଏହାର ୨ଜିବି ରାମ୍, ୩୨ଜିବି ରମ୍ ରହିଛି । ଏଥିରେ ୪୮୦ ନିଟ୍ ସ୍କ୍ରିନ୍ ବ୍ରାଇଟ୍‌ନେସ୍ ରହିଛି । ଏଆଇ ୭ ଲେଭ୍ଲ୍ ଫେସ୍ ରିକୋଗନାଇଜେସନ୍ ସୁବିଧା ମଧ୍ୟ ରହିଛି । ଏହା ହିଲିଅର ପରପର୍ଲ ଏବଂ ଏବଂ ଭେକେସନ୍ ବ୍ଲୁ ଆଦି ୨ଟି ରଙ୍ଗରେ ଦେଶ ବ୍ୟାପି ୩୫୦୦୦ରୁ ଅଧିକ ଟଚ୍ ପଏଂଟ୍‌ରେ ଉପଲବ୍ଧ ହେଉଛି । ଏହି ଅବସରରେ ଟ୍ରାନ୍ସସିଅନ୍ ଇଣ୍ଡିଆର ସିଇଓ ଅରଜିତ୍ ତାଲାପାତ୍ର କହିଲେ, ଏକ ଗ୍ରାହକ ବିଶ୍ୱାସନୀୟ ବ୍ରାଣ୍ଡ ଭାବେ ବେଶ୍ ଖ୍ୟାତି ହାସଲ କରିଥିବା ଟେକ୍ନୋ ୨୦୨୦ ବର୍ଷରେ ପ୍ରବେଶ କରି ନୂତନ ସ୍ପାର୍କ ଗୋ ପ୍ଲସ୍ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଇଛି । ଏହା ଦ୍ୱାରା ଆମେ ଆମର ପୋର୍ଟଫୋଲିଓକୁ ଅଧିକ ସୁଦୃଢ଼ କରିବାର ଯୋଜନା ପ୍ରସ୍ତୁତ କରିଛୁ । ଦୀର୍ଘ ବ୍ୟାଟେରୀ ଲାଇଫ୍ ଥିବା ଏହି ଫୋନ୍ ମାଧ୍ୟମରେ ଆମେ ଗ୍ରାହକଙ୍କୁ ଶ୍ରେଷ୍ଠ ଅଭିଜ୍ଞତା ପ୍ରଦାନ କରିବାର ଆଶା ରଖିଛୁ । ଗତ ଅଗଷ୍ଟରେ ଆମେ ସ୍ପାର୍କ ସିରିଜ୍‌ର ବଜାର ପ୍ରବେଶ କରାଇଥିଲୁ । ଏହା ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବାକୁ ସକ୍ଷମ ହେବ । ଏହି ଫୋନ୍ ଉପରେ ୭୭୯ ଟଙ୍କାର ବ୍ଲୁଟୁଥ୍ ଇୟରପିସ୍ ପ୍ରଦାନ କରାଯାଉଛି । ଏହା ସହିତ ୨୯୭ ଟଙ୍କାର ୩ ମାସର ଗାନା ପ୍ଲସ୍ ମାଗଣା ଯୋଗାଇ ଦିଆଯାଉଛି । ଏହି ସ୍ମାର୍ଟଫୋନ୍ ଉପରେ ଗୋଟିଏ ଥର ସ୍କ୍ରିନ୍ ରିପ୍ଲେସମେଂଟ୍ ସୁବିଧା ତଥା ସମସ୍ତ ଡିଭାଇସ୍ ଉପରେ ୧୨ ମାସର ୱାରେଂଟି ସହିତ ଏକ ମାସର ବର୍ଦ୍ଧିତ ୱାରେଂଟି ପ୍ରଦାନ କରାଯାଉଛି ।

## ବିଧାନସଭା ଷଷ୍ଠ ଷ୍ଟାଣ୍ଡିଂ କମିଟିର ଚତୁର୍ଥ ସବ୍‌କମିଟିର ଅଧ୍ୟକ୍ଷଙ୍କ ଭଦ୍ରକ ଗସ୍ତ

ଭଦ୍ରକ: ରାଜ୍ୟ ବିଧାନସଭା ଷଷ୍ଠ ଷ୍ଟାଣ୍ଡିଂ କମିଟିର ଚତୁର୍ଥ ସବ୍ କମିଟିର ଅଧ୍ୟକ୍ଷ ତଥା ଭୁବନେଶ୍ୱର ଜୟଦେବ ବିଧାନସଭାର ବିଧାୟକ ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ ଏକ କମିଟି ଭଦ୍ରକ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସିଥିଲେ । ଭଦ୍ରକର ପାଠୁକା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅରବିନ୍ଦ ଢ଼ାଲିଙ୍କ ସଭାପତିତ୍ୱରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ କମିଟିର ସଦସ୍ୟ ତଥା ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଭଦ୍ରକର ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକର ବିଧାୟକ ସଞ୍ଜିବ ମଲ୍ଲିକ, ଜିଲ୍ଲାପାଳ ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର. ଉପଜିଲ୍ଲାପାଳ ପୀତାମ୍ବର ସାମଲ ସମେତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ଜିଲ୍ଲା ଶିଳ୍ପକେନ୍ଦ୍ର ଓ ହସ୍ତତନ୍ତ ଶିଳ୍ପ ବିଭାଗ ଉପରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଜ୍ଞାନ ଦାସ କମିଟିର ସଦସ୍ୟ ମାନଙ୍କୁ ସ୍ୱାଗତ କରିବା ସହ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଯାଜପୁର ସଦର ମହକୁମାଠାରେ ଅଷ୍ଟମ ଜିଲ୍ଲା ମହୋତ୍ସବ ଉଦ୍‌ଘାଟିତ





ଯାଜପୁର: ଯାଜପୁର ଠାରେ ଐତିହାସିକ ଅଷ୍ଟମ ଜିଲ୍ଲା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଏହି ମହୋତ୍ସବକୁ ଯାଜପୁର ସାଂସଦ ଶର୍ମିଷ୍ଠା ସେଠି ଉଦ୍‌ଘାଟନ କରିଥିବାବେଳେ, ପଲ୍ଲିଶ୍ରୀ ମେଳାକୁ ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉଦ୍‌ଘାନ କରିଥିଲେ । ଉକ୍ତ ଉତ୍ସବରେ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ ବ୍ୟତିତ ଜିଲ୍ଲାର ସମସ୍ତ ବିଧାୟକ ତଥା ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥି, ବରୀ ବିଧାୟକ ସୁନନ୍ଦା ଦାସ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, କୋରାଇ ବିଧାୟକ ଅଶୋକ ବଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ସୁକିନ୍ଦା ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ ଉପସ୍ଥିତଥିବା ସଙ୍ଗେ ଜିଲ୍ଲାପାଳ ରଞ୍ଜନ କୁମାର ଦାସ ମହୋତ୍ସବର ଅଧ୍ୟକ୍ଷତା କରିଥିଲେ । ଉତ୍ସବ ଆରମ୍ଭରୁ ପ୍ରଥମ ଏକ ସାଂସ୍କୃତି କାର୍ଯ୍ୟକ୍ରମ ମା' ବିରଜାଙ୍କ ଆଜ୍ଞାମାଳ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବରେ ୩୦ଟି ଜିଲ୍ଲାରୁ ସ୍ୱୟଂସହାୟକ ଗୋଷ୍ଠି ଯୋଗଦେଇଥିଲେ ଏହା ସହ ଆଇ.ଟି.ବି.ପି.ର ଆଇ.ଜି. ଶୁଧାଂସୁ ଶେଖର ମିଶ୍ର ଓ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରମାଦେବୀ ଆଶ୍ରମକୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ଉତ୍ସବ ଆରମ୍ଭରେ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା । ମହୋତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ହିନ୍ଦୀ ଓ ଓଡ଼ିଆ ଚଳଚିତ୍ର ଗାୟକ ଶ୍ରୀ ସୋନୁନିଗମ୍ ତାଙ୍କର ନିଜ ଗୀତ ଗାଇ ଯାଜପୁର ଜନସାଧାରଣଙ୍କୁ ମନମୁଗ୍ଧ କରାଇଥିଲେ । ଯାଜପୁର ବାଳାଶ୍ରମରେ ଲକ୍ଷାଧିକ ଲୋକଙ୍କର ସମାଗମ ହୋଇଥିଲା । ସଭାରେ ଯାଜପୁର ଏସ୍.ପି. ଚରଣସିଂ ମିନା ଯାଜପୁର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ସେଠି ଏବଂ ଅତିରିକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ଅଫିସର ଯୋଗଦେଇଥିଲେ ।

## କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଶିଶୁର ମୃତ୍ୟୁ ଅଭିଯୋଗ

ଭଦ୍ରକ: ଆଜି ପୁଣି ଜଣେ କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ୩ ମାସ ଶିଶୁର ମୃତ୍ୟୁ ହୋଇଥିବାର ଅଭିଯୋଗ ହୋଇଛି । ଏହି ଅଭିଯୋଗ ଆଣିଛନ୍ତି ଘଣ୍ଟେଶ୍ୱର ରାଜସରପୁର ଗାଁର ଅଶୋକ ନାୟକ । ତାଙ୍କ ଅଭିଯୋଗରୁ ଯାହା ଜଣାଯାଏ ଥଣ୍ଡାଜ୍ୱରରେ ପୀଡିତ ତାଙ୍କ ୩ ମାସର ଝିଅକୁ ସେ ଘଣ୍ଟେଶ୍ୱର ବଜାରରେ ଥିବା ଏକ ଔଷଧ ଦୋକାନକୁ ନେଇଥିଲେ । ସେଠାରେ ଥିବା ଜଣେ କ୍ୱାକ୍‌ଙ୍କ ଚିକିତ୍ସା ପରେ ସେ ଅଧିକ ଅସୁସ୍ଥ ହୋଇପଡିବାରୁ ଅଶୋକ ତାକୁ ପ୍ରଥମେ ତିହିଡି ଓ ପରେ ଭଦ୍ରକ ମେଡିକାଲ ଆଣିଥିଲେ । ମାତ୍ର ଡାକ୍ତରମାନେ ଶିଶୁଟିକୁ ମୃତ ଘୋଷଣା କରିଥିଲେ ।

### ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି

# ବ୍ୟାପକ ସଚେତନତା ସୃଷ୍ଟି ସହିତ ଯାଂଚ କଡ଼ାକଡ଼ି କରିବା ଉପରେ ଗୁରୁତ୍ୱାରୋପ



କେନ୍ଦୁଝର, (ପିଏନ) : ଚଳିତ ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ସଡକ ସୁରକ୍ଷା ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହିତ ଯାଂଚ କଡ଼ାକଡ଼ି କରିବା ଉପରେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି । କେନ୍ଦୁଝର ଜିଲ୍ଲାରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ପାଇଁ ଚଳିତ ଜାନୁୟାରୀ ୯ ତାରିଖ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନସ ହଲଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଏବଂ ଏସ୍‌ପି ଶ୍ରୀ ମହାପାତ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ, ସଡ଼କ ଦୁର୍ଘଟଣାଜନିତ ମୃତାହାତ ଘଟଣା ଏକ ସ୍ପର୍ଶକାତର ପ୍ରସଙ୍ଗ । ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ ସଡ଼କ ଦୁର୍ଘଟଣାକୁ ଏଡ଼ା ଯାଇପାରୁନାହିଁ । ଦୃତଗତି, ଟ୍ରାଫିକ୍ ନିୟମ ଉଲଂଘନ, ଓଭରଲୋଡିଂ, ଯାନବାହନମାନଙ୍କରେ ଅଧିକ ଯାତ୍ରୀ ପରିବହନ, ନିଶା ସେବନ କରି ଗାଡ଼ି ଚାଳନା, ଗାଡ଼ି ଚାଳନା ବେଳେ ମୋବାଇଲ୍ ଫୋନ୍‌ର ବ୍ୟବହାର, ହେଲମେଟ୍ ବ୍ୟବହାର ନକରି ଗାଡ଼ି ଚଳାଇବା ଇତ୍ୟାଦି କାରଣ ପାଇଁ ଦୁର୍ଘଟଣା ଘଟିବା ଉଦ୍‌ବେଗଜନକ । ଏଣୁ ସଚେତନତା ସୃଷ୍ଟି ସହିତ ଯାଂଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ଉପରେ ଜିଲ୍ଲାପାଳ ଓ ଏସ୍‌ପି ଗୁରୁତ୍ୱାରୋପ କରି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପରିବହନ, ପୋଲିସ୍ ଏବଂ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ଦୁର୍ଘଟଣାପ୍ରବଣ ଅଂଚଳମାନଙ୍କରେ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ବିବିଧ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଆକ୍ସନ୍‌ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଚଳିତ ଜାନୁଆରୀ ୧୧ ତାରିଖ ଦିନ ସପ୍ତାହ ପାଳନର ଉଦ୍‌ଘାଟନୀ ସମାରୋହ ସହିତ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାମିଲ କରି ସଚେତନତା ଶୋଭାଯାତ୍ରା ଆୟୋଜନ, ଜନ ଗହଳି ସ୍ଥାନ ଏବଂ ଦୂର୍ଘଟଣା ପ୍ରବଣ ସ୍ଥାନମାନଙ୍କରେ ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ,ସହରାଂଚଳ ଓ ଗ୍ରାମାଚଂଳରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଏତଦ୍‌ବ୍ୟତୀତ ଅନ୍ୟଦିନମାନଙ୍କରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଆଖି ପରୀକ୍ଷା ଶିବିର ଆୟୋଜନ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ତର୍କ,ପ୍ରବନ୍ଧ ଓ ଚିତ୍ରାଙ୍କନ, ସ୍ଲୋଗାନ୍ ପ୍ରତିଯୋଗିତାମାନ ଆୟୋଜନ କରାଯିବ । ଏତଦ୍‌ବ୍ୟତୀତ ସଡ଼କ ସୁରକ୍ଷା ସମ୍ପର୍କିତ କର୍ମଶାଳା ଆୟୋଜନ କରାଯିବା ସହିତ ଯାନବାହନ ଯାଂଚ କରାଯିବ ଏବଂ କବିତା ପାଠୋତ୍ସବର ଆୟୋଜନ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ପରିବହନ, ଆରକ୍ଷୀ ଓ ଅବକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଯାନବାହନ ଆସୋସିଏସନ୍, ଅଟୋ ମୋବାଇଲ୍ ଡିଲର୍‌ସ, ବିଭିନ୍ନ ଅନୁଷ୍ଠାନ/ସଙ୍ଗଠନ, ଛାତ୍ର/ଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନଙ୍କୁ ସଡ଼କ ସୁରକ୍ଷା ଅଭିଯାନର ସଫଳତା ନିମନ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ବୋଲି ଆଂଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏହି ବୈଠକରେ ଜାତୀୟ ରାଜପଥ୨୦ ଏବଂ ୪୯ର ଆବଶ୍ୟକୀୟ ମରାମତି କାର୍ଯ୍ୟ ମାସେ ମଧ୍ୟରେ ଶେଷ କରିବା ସହିତ ବେଲବାହାଲୀ ପୋଲର ନିର୍ମାଣ କାର୍ଯ୍ୟ ଆସନ୍ତା ମେ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ କେନ୍ଦୁଝର ସହରରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ଷଠିଘର ସାହି ନିକଟରେ ଜାତୀୟ ରାଜପଥ ୪୯ ଓ ୨୦କୁ ସଂଯୋଗ କରୁଥିବା ବାଇପାସ୍ ଜାନୁୟାରୀ ୨୦ ତାରିଖ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଉତରାଂଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା

କେନ୍ଦୁଝର: ଉତରାଂଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ କେନ୍ଦୁଝର ଜିଲ୍ଲାଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ ଉତରରାଂଚଳ ରାଜସ୍ୱ କମିଶନରଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ରାଜସ୍ୱ କମିଶନର ଶ୍ରୀ ସାହୁ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଉତରାଂଚଳ ରାଜସ୍ୱ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଖୁସି ଅନୁଭବ କରୁଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତିତ ହୋଇଥିବା 'ମୋ ସରକାର' ଓ '୫-ଟି' କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରି କହିଥିଲେ ଯେ ସରକାର ଓ ପ୍ରଶାସନକୁ ଅଧିକ ଲୋକାଭିମୁଖୀ ଓ ନାଗରିକକୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ବେଶ୍ ଫଳପ୍ରଦ ହୋଇଛି ଏବଂ ଜନସାଧାରଣ ଏହାର ସୁଫଳ ପାଉଛନ୍ତି । ଏହି ଯୋଜନା ଦ୍ୱାରା ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ସରକାରୀ କର୍ମଚାରୀମାନଙ୍କର ଉତରଦାୟିତ୍ୱ ବଢିଯାଇଛି । ଭଲ କାମ କଲେ ପୁରସ୍କାର ଏବଂ କାର୍ଯ୍ୟରେ ଅବହେଳା କଲେ କିମ୍ବା ଦୁର୍ନୀତିଲିପ୍ତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏଣୁ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠା ଓ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବା ସହିତ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ମମତା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରି ହିତାଧିକାରୀମାନଙ୍କୁ ଠିକ୍ ସମୟରେ କିସ୍ତି ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ ଦିଗରେ ଯତ୍ନବାନ୍ ହେବାକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନେ ଯେପରି ଏହି ଯୋଜନାରୁ ବଂଚିତ ନହେବେ ସେ ଦିଗରେ ସମନ୍ୱୟ ରକ୍ଷା କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମିଶନ ଶକ୍ତି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଫେଡେରେସନ୍ ମାନଙ୍କୁ ପ୍ରୋତ୍ସାହନ ରାଶି ମିଳୁଛି କି ନାହିଁ ଏବଂ ଏସ୍.ଏଚ୍.ଜି. ଓ ଫେଡେରେସନ୍ ମାନଙ୍କୁ ଋଣ ପ୍ରଦାନ କରାଯାଉଛି କି ନାହିଁ, ଏସ୍.ଏଚ୍.ଜି.ମାନେ କେଉଁ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମୀକ୍ଷା କରିଥିଲେ । ଏସ୍.ଏଚ୍.ଜି.ମାନଙ୍କ ଦ୍ୱାରା ରୋଜଗାରଭିତିକ ଏବଂ ସ୍ୱାବଲମ୍ବନଶୀଳ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ଅପପୁଷ୍ଟି ନିରାକରଣ, ଟୀକାକରଣ, ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଡି.ଏମ୍.ଏଫ୍ ଅର୍ଥରେ ହାତକୁ ନିଆଯାଇଥିବା ଇତ୍ୟାଦି କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ, ଡାକ୍ତରଖାନା ମାନଙ୍କର ଭିତିଭୂମିର ବିକାଶ, ଖାଲି ପଡିଥିବା ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତି, ଡି.ଏମ୍.ଏଫ୍. ଅର୍ଥରେ ସ୍ୱାସ୍ଥ୍ୟ ବିଭାଗୀୟ କାର୍ଯ୍ୟକ୍ରମ, ମମତା ଘର, ଡିଜିଟାଲ୍ ଡିସ୍‌ପେନ୍‌ସାରୀ, ସୁପର ସ୍ପେସାଲିଷ୍ଟ୍ ଡାକ୍ତର ନିଯୁକ୍ତି ସଂପର୍କରେ ସମୀକ୍ଷା କରି ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କମାଇବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମୀଣ ଆବାସ ଯୋଜନାରେ ଚଳିତ ମାର୍ଚ୍ଚ ମାସ ମଧ୍ୟରେ ବାକି ଥିବା ଆବାସ ଗୃହଗୁଡିକର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଯୋଜନାବଦ୍ଧ ଭାବେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଉଠାଜଳସେଚନ କାର୍ଯ୍ୟକ୍ରମ, ଅଚଳ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା, କୃଷି, ଉଦ୍ୟାନ କୃଷି, ଜଙ୍ଗଲ ଓ ପରିବେଶ, ବନ୍ୟପ୍ରାଣୀ ସୁରକ୍ଷା, ମତ୍ସ୍ୟଚାଷ, ରେଶମ ବିଭାଗ, ପ୍ରାଣୀ ସମ୍ପଳ ବିଭାଗର କାର୍ଯ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା, ସମଗ୍ର ଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପରିଚାଳିତ ବିଦ୍ୟାଳୟମାନଙ୍କର ପରିଚାଳନା ଓ ପରୀକ୍ଷା ଫଳ, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ୍‌ର କାର୍ଯ୍ୟକ୍ରମ, ଜିଲ୍ଲା ଶିଳ୍ପ କେନ୍ଦ୍ର, ବିଦ୍ୟୁତ୍ ଯୋଗାଣ, ଜାତୀୟ ରାଜପଥର ନିର୍ମାଣ ଓ ମରାମତି ଇତ୍ୟାଦି କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଥିଲେ ।

## ୩ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଲେ ମାନବ ଅଧିକାର କମିଶନ

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅରେଡା ପଞ୍ଚାୟତର ଅମଲାପାଲି ଗ୍ରାମରେ ଗତ ୨୦୧୮ ମସିହା ଏପ୍ରିଲ ୧୨ ତାରିଖ ଦିନ ୧୧ ବର୍ଷର ନାବାଳକ ଛାତ୍ର ମିତ୍ରଭାନୁ ପୋଡ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାରେ ତଦନ୍ତ କରି ମାନବ ଅଧିକାର କମିଶନ ମୃତ୍ୟୁବରଣ କରିଥିବା ମିତ୍ରଭାନୁଙ୍କର ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ପ୍ରଦାନ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର କମିଶନ ଓଡିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏସଂକ୍ରାନ୍ତରେ ମାନବ ଅଧିକାର କର୍ମୀ ଦିଲ୍ଲିପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାକୁ ବିଚାର କରି ମାନବ ଅଧିକାର କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୧୮ ଏପ୍ରିଲ ୧୨ ତାରି ଦିନ ଗ୍ରାମର ଚାଷି ନରେଶ ପୁଞ୍ଜିର ଉଠା ଜଳସେଚନ ପଏ ପାଖକୁ ଗାଧୋଇବାକୁ ଯାଇଥିବା ବେଳେ ଛିଣ୍ଡି ପଡିଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଲାଗି ବାପ ଛେଉଣ୍ଡ ମିତ୍ରଭାନୁଙ୍କର ମୃତ୍ୟୁ ହୋଇଯାଇଥିଲା ।

## ଜେଲରୁ ଫେରାର ଅଭିଯୁକ୍ତ ଚୋରି ମାମଲାରେ ଗିରଫ

କୋରାଇ, (ପିଏନ)- ଯାଜପୁର ଜେଲରେ କଏଦି ଭାବେ ରହିଥିବା ଅଭିଯୁକ୍ତ ପାଚେରୀ ଡେଇଁ ଫେରାର ହୋଇ ଯାଇଥିବା ବେଳେ ଏକ ଚୋରି ମାମଲାରେ ପାଣିକୋଇଲି ପୁଲିସ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଓଉପଦା ଗ୍ରାମର ପ୍ରମୋଦ ରାଉତଙ୍କ ପୁଅ ପ୍ରଭାତ ନୂଆପଦା ଛକରେ ଏକ ଚା ଦେକାନ କରିଥିଲେ । ପ୍ରଭାତ ଦେକାନରେ ବ୍ୟସ୍ତ ରହିଥିବା ବେଳେ କୋରାଇ ଥାନା ଅନ୍ତର୍ଗତ ଧନେଶ୍ୱର ପଂଚାୟତର ଆଲିଆ ଗ୍ରାମର ନନ୍ଦ ମୁଣ୍ଡାଙ୍କ ପୁଅ ରାଜେଶ(୨୨) ଉକ୍ତ ମୋବାଇଲଟି ଚୋରି କରିଥିଲା । ଏନେଇ ପ୍ରଭାତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୬/୨୦ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ରାଜେଶକୁ ଗିରଫ କରିବା ପରେ ବଡ ଗୁମର ଫିଟିଥିଲା । ଯାଜପୁରରୋଡ ଥାନାର ଏକ ନାବାଳିକା ଅପହରଣ ମାମଲା ୨୪୭/୧୯ରେ ଗିରଫ ହୋଇ ରାଜେଶ ଯାଜପୁର ଜେଲରେ ଥିଲା । ଗତ ୨୦୧୯ ଅକ୍ଟୋବର ୨୪ ତାରିଖ ଯାଜପୁର ଜେଲରୁ ରାଜେଶ ୩ଟି ଗାମୁଛା ସାହାଯ୍ୟରେ ଯାଜପୁର ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା । ଉକ୍ତ ମାମଲାରେ କର୍ମଚାରୀଙ୍କୁ ବହିଷ୍କାର କରାଯାଇଥିଲା । ଏନେଇ ଯାଜପୁର ଥାନାରେ ଏକ ମାମଲା ୩୨୨/୧୯ ରୁଜୁ କରାଯାଇଥିଲା । ଫେରାର ହୋଇ ରହିଥିବା ଉକ୍ତ ଅଭିଯୁକ୍ତ ଧରା ପଡିବା ପରେ ଘଟଣାର ନୂଆମୋଡ ନେଇଥିଲା । ପୁଲିସ ଉକ୍ତ ଘଟଣା ଜାଣିବା ପରେ ରାଜେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ତାର ଜାମିନ ନାଂଜୁର ହେବାରୁ ତାକୁ ରଗଡି ଜେଲକୁ ପଠାଇ ଦିଆଯାଇଛି ।

# ଗଜପତି ଜିଲ୍ଲାରେ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି,(ପିଏନ)- ଜାତୀୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ଡ. ଆର. କେ. ।ନନ୍ଦ ଗଜପତି ଜିଲ୍ଲାରେ ଏକ ଜନ ଶୁଣାଣୀ ଗତ ୨୪ ତାରିଖରେ କରିଛନ୍ତି । ପାରଳାଖେମୁଣ୍ଡି ଜିଲ୍ଲା ପରିଷଦ ସଭାଗୃହରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଶିଶୁ ସୁରକ୍ଷା ଅଧ୍ୟକ୍ଷ ସନ୍ଧ୍ୟାବତୀ ପ୍ରଧାନ, ସଭ୍ୟ ହରିହର ନାୟକ ଓ ଡା. ଗୀତାଞ୍ଜଳି ବସ୍ତିଆ ଯୋଗ ଦେଇ ଅଭିଯୋଗ ଗୁଡ଼ିକର ଜନ ଶୁଣାଣି କରିଥିଲେ । ଅଭିଯୋଗ ଗୁଡ଼ିକରେ ଶିଶୁ ଶ୍ରମିକ, ଶିଶୁ ସ୍ୱାସ୍ଥ୍ୟ, ଦିବ୍ୟାଙ୍ଗ ଭତା, ଶିଶୁ ନିର୍ଯ୍ୟାତନା, ଅନାଥ ଶିଶୁର ଥଇଥାନ, ଅଙ୍ଗନାବଡ଼ି ନିର୍ମାଣ, ବିଦ୍ୟାଳୟକୁ ବିଜୁଳି ଯୋଗାଣ, ପାନୀୟ ଜଳ ଯୋଗାଣ ପ୍ରଭୃତି ୯୨୦ଟି ଅଭିଯୋଗର ଶୁଣାଣୀ କରିଥିଲେ । କେତେକଙ୍କୁ ଭତା ପ୍ରଦାନ, ବସରେ ରିହାତି, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ସାଇକେଲ ପ୍ରଦାନ ନେଇ ଉଲ୍ଲେଖ କରିଥିଲେ ।ଶୁଣାଣି ପୂର୍ବରୁ ଆୟୋଗର ସଦସ୍ୟ ଓଡ଼ିଶା ରାଜ୍ୟର ଚେୟାରମ୍ୟାନ, ସଭ୍ୟ ମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କାର୍ଯ୍ୟକ୍ରମ ନେବା ବୁଝାଇ ବର୍ତମାନ ସୁଦ୍ଧା ୬୦ ହଜାର ମାମଲା ରହିଛି ତାହାର ଫଇସଲା ସକାଶେ ଆବଶ୍ୟକ କାର୍ଯ୍ୟ କରୁଛି । ବିଶେଷ ଭାବେ ଶିଶୁ ଅଧିକାରରୁ ବଂଚିତ ଶିଶୁ ମାନଙ୍କର ନ୍ୟାୟ ସକାଶେ କାର୍ଯ୍ୟ କରୁଛି ଓ ବିଭିନ୍ନ ଅଂଚଳ ଗସ୍ତ କରି ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଯାଇ ଅନୁଧ୍ୟାନ କରୁଛି । ଜିଲ୍ଲାପାଳ ଅନୁପମ ସାହା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାରା ଶର୍ମା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆର.ଏନ. ନାୟକ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ ଉପସ୍ଥିତ ଥିଲେ । ବିଭିନ୍ନ ବିଭାଗ ପକ୍ଷରୁ ଶିଶୁ ସୁରକ୍ଷା ନେଇ ଷ୍ଟଲ ମାନ ଖୋଲାଯାଇଥିଲା । ଏନ.ସି.ସି. କ୍ୟାଡେଟ ମାନେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିଲେ ।

# ବାଂଶପାଣି ରେଲୱେ ସାଇଡିଂ ରାସ୍ତା ଅବସ୍ଥା ଶୋଚନୀୟ



ଯୋଡା: ଯୋଡା ପୌରାଞ୍ଚଳ ଅଧୀନ ୧୧ ନଂ ୱାର୍ଡର ବାଂଶପାଣି ରେଲୱେ ସାଇଡିଂ ରାସ୍ତାର ଦୂରାବସ୍ଥା ଯୋଗୁଁ ସ୍ଥାନୀୟ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଦୀର୍ଘ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଏଯାବତ୍ ଭଲ ରାସ୍ତା ନିର୍ମାଣ କରାଯାଉନଥିବା ଯୋଗୁଁ ସାଧାରଣରେ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି । ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ବାଂଶପାଣି ରେଳସାଇଡିଂକୁ ଟ୍ରକ ଯୋଗେ ପରିବହନ ହେଉଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଦୀର୍ଘଦିନ ଧରି ଏହି ରାସ୍ତାର ଏଭଳି ଶୋଚନୀୟ ହୋଇପଡିଥିଲେ ହେଁ ଏଥିପ୍ରତି କାହାରି ନିଘା ନଥିବା ହେତୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଉଛି । ତେବେ ବାଂଶପାଣି ରେଳ ସାଇଡିଂକୁ ପ୍ରତିଦିନ ଅହରହ ଭାରୀଯାନ ଚଳାଚଳ କରୁଛି । ଯୋଡା ଖଣିମଣ୍ଡଳ ଅଧୀନରେ କାର୍ଯ୍ୟକ୍ଷମ ଥିବା ଖଣି ଗୁଡିକରୁ ଉକ୍ତ ରେଳ ସାଇଡିଂକୁ ମାଲ ପରିବହନ କରାଯାଉଥିବା ହେତୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ବାଂଶପାଣି ଠାରେ ଥିବା ରେଳସାଇଡିଂର ରାସ୍ତା ବିପଦସଂକୁଳ ହୋଇପଡିବା ସହ ସାଇଡିଂକୁ ଖଣିଜଦ୍ରବ୍ୟ ପରିବହନ ନିମନ୍ତେ ରାସ୍ତାରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇ ଏକ ବିପଦସଂକୁଳ ପରିସ୍ଥିତିକୁ ଆସିଯାଇଛି । ଦୈନିକ ହଜାର ହଜାର ଭାରୀଯାନ ସେହି ରାସ୍ତାରେ ଚଳପ୍ରଚଳ ହେଉଥିବାରୁ ଅଧିକାଂଶ ସମୟରେ ଭାରୀଯାନ ଗୁଡିକ ରାସ୍ତାରେ ଭାଙ୍ଗି ଅଟକିଯାଉଥିବା ବେଳେ ପଥଚାରୀ ଓ ବାଇକ ଆରୋହୀ ମାନେ ନାହିଁନଥିବାର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ । ଉକ୍ତ ୱାର୍ଡର ବସ୍ତିବାସିନ୍ଦାଙ୍କ ସ୍ଥାୟୀ ରାସ୍ତା ଥିବା ବେଳେ ଏହି ରାସ୍ତା କଂକ୍ରିଟ କିମ୍ବା ପିଚୁ ହେଉନଥିବା କାରଣରୁ ରାସ୍ତାଟି ଖାଲଖମା ତଥା ବଡ ବଡ ଗର୍ତ୍ତ ଯୋଗୁଁ ଖରା ଦିନରେ ପ୍ରବଳ ମାତ୍ରାରେ ଧୂଳି ଉଡୁଥିବା ବେଳେ ବର୍ଷାଦିନରେ ପାଣି କାଦୁଅ ଭର୍ତ୍ତି ରହି ଗମନାଗମନରେ ଅଚଳାବସ୍ଥା ସୃଷ୍ଟି ହୋଇଥାଏ । ଯୋଡା ପୌରପାଳିକା ଅଧୀନରେ କିମ୍ବା ରେଳ ବିଭାଗ ଅଧୀନରେ ତାହା ଜାଣିବା କଷ୍ଟକର ଥିବାରୁ ତାହାର ସୁଯୋଗ ନେଇ ରାସ୍ତାଟି ଅବହେଳାର ଶିକାର ହେଉଛି । ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ନଷ୍ଟ ହୋଇଯାଇଥିବାରୁ ଦୈନନ୍ଦିନ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ନଜର ହେଉଛି । ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ଲୋକ ଦାବି କରି ଆସୁଥିଲେ ମଧ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷକରି ରେଳବିଭାଗ ଉକ୍ତ ସାଇଡିଂରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ ସ୍ଥାନୀୟ ଅଧିବାସୀଙ୍କ ଗମନାଗମନର ସୁବିଧା କ୍ଷେତ୍ରରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ।






ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday January 17 ଭୁବନେଶ୍ବର ଶୁକ୍ରବାର, ଜାନୁଆରୀ ୧୭ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଭାରତର ଉଦୀୟମାନ କ୍ରୀଡ଼ାବିତଙ୍କୁ ସହାୟତା ପାଇଁ ବଜାଜ ଆଲିଆଂଜ ଲାଇଫ୍‌ର



ଭୁବନେଶ୍ୱର: ଭାରତର ଚାମ୍ପିଆନ୍ ଦୌଡ଼କୁଦ ଖେଳାଳୀ ଦୂତି ଚାନ୍ଦ ବଜାଜ ଆଲିଆଂଜ ଲାଇଫ୍‌ର "ପ୍ଲାଙ୍କ ଫର ଇଣ୍ଡିଆ' ଅଭିଯାନକୁ ଗ୍ରହଣ କରିଛନ୍ତି। ଭାରତର ଉଦୀୟମାନ କ୍ରୀଡ଼ାବିତ ସହାୟତା ପ୍ରଦାନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।ଦୂତି ଚାନ୍ଦ ସୋସିଆଲ ମିଡିଆରେ ଏହି ଅଭିଯାନକୁ ଆରମ୍ଭ କରିଛନ୍ତି ଏବଂ ନିଜର ହଜାର ହଜାର ଅନୁଗାମୀ (ଫଲୋଅର)ଙ୍କୁ ଏହିଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। କଠିନ ପରିଶ୍ରମ ବଳରେ ସମସ୍ତ ପ୍ରତିବନ୍ଧକକୁ ସାମ୍ନା କରି ଶୀର୍ଷ ସ୍ଥାନରେ ପହଂଚିଥିବା ଦୂତିଏହି ଅଭିଯାନକୁ ଏଥିପାଇଁ ସମର୍ଥନ କରିଛନ୍ତି ଯେ ଏହା ଦେଶର ଉଦୀୟମାନ କ୍ରୀଡ଼ାବିତଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ହାସଲ କରିବାରେସହାୟକ ହେବ।ପ୍ରତିଟି ପ୍ଲାଙ୍କ ପାଇଁ ବଜାଜ ଆଲିଆଂଜ୍ ଲାଇଫ୍ ଆର୍ଥିକ ସହାୟତା ପ୍ରଦାନ କରିବ ଯାହା ଭାରତର ଉଦୀୟମାନ କ୍ରୀଡ଼ାବିତଙ୍କ ପ୍ରଶିକ୍ଷଣ ଓବିକାଶରେ ବ୍ୟବହାର କରାଯିବ। ଏହି ଅଭିଯାନକୁ ଅଧିକ ଲୋକମାନଙ୍କ ପାଖରେ ପହଂଚାଇବା ଲାଗି କଂପାନି ପକ୍ଷରୁ ଗତ ସପ୍ତାହରେ ଏକ ଭିଡିଓ ଜାରି କରାଯାଇଥିଲା।

## ସାମସଙ୍ଗର ଷ୍ଟାଇଲିଷ୍ଟ ଗ୍ୟାଲେକ୍ସି ଏ୨୦ଏସ ମାତ୍ର ୧୦,୯୯୯ ଟଙ୍କାରେ

ଭୁବନେଶ୍ୱର: ଭାରତର ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରାନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଏହାର ଗ୍ୟାଲେକ୍ସି ଏ୨୦ଏସ ସ୍ମାର୍ଟଫୋନର ମୂଲ୍ୟରେ ହ୍ରାସ ଘୋଷଣା କରାଯାଇଛି । ଉପଭୋକ୍ତାମାନେ ବର୍ତ୍ତମାନ ଗ୍ୟାଲେକ୍ସି ଏ୨୦ଏସର ୩/୩୨ ଜିବି ସଂସ୍କରଣକୁ ମାତ୍ର ଟ.୧୦,୯୯୯ ରେ ପାଇପାରିବେ ଏବଂ ଏହାର ୪/୬୪ ଜିବି ସଂସ୍କରଣ ମଧ୍ୟ ଟ.୧୩,୯୯୯ରେ ଉପଲବ୍ଧ ହେବାକୁ ଯାଉଛି। କନେକ୍ଟିଭିଟିର ଏହି ନୂତନ ଯୁଗରେ ଏହି ଷ୍ଟାଇଲିଷ୍ଟ ଗ୍ୟାଲେକ୍ସି ଏ୨୦ଏସ ସେହି ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ପ୍ରତ୍ୟେକ ଅନୁଭୂତିକୁ ତତ୍‌କ୍ଷଣାତ ସାଇତିବାକୁ ଓ ସେୟାର କରିବାକୁ ପସନ୍ଦ କରନ୍ତି। ଗ୍ୟାଲେକ୍ସି ଏ୨୦ଏସ ଏକ ଚିତ୍ତାକର୍ଷକ ୬.୫ ଇଞ୍ଚ ଏଚଡି ଯୁକ୍ତ ଡିସପ୍ଲେ, ତିନୋଟି ପଛ କ୍ୟାମେରା, ୟୁଏସବି ଟାଇପ କ୍ୟାଣ୍ଡ ୮ଏମଏମ ସ୍ଲିମ ଡିଜାଇନ ସହିତ ୧୫ ୱାଟ ଦ୍ରୁତ ଚାର୍ଜିଙ୍ଗ ସହିତ ଆସିଛି । ସ୍ମାର୍ଟଫୋନ ଅନୁଭୂତିକୁ ଉନ୍ମୋଚନ କରିବା ପାଇଁ ଗ୍ୟାଲେକ୍ସି ଏ୨୦ଏସ ଏକ ଷ୍ଟାଇଲିଷ୍ଟ ଥ୍ରୀଡି ଡିଜାଇନ ସହିତ ଏକ ଚମକିତ ପ୍ୟାଟର୍ଣ୍ଣରେ ସୁସଜ୍ଜିତ ହୋଇ ଆସିଛି ।

## ଅନର ମ୍ୟାଜିକ୍ ୱାଚ୍୨ ଓ ଅନର ବ୍ୟାଣ୍ଡ ୫ଆଇ ସହ ନିଜର ପ୍ରଥମ ପପ୍-ଅପ୍ କ୍ୟାମେରା ସ୍ମାର୍ଟଫୋନ୍ 'ଅନର ୯ଏକ୍ସ' ବଜାର ପ୍ରବେଶ କରାଇଲା ଅନର ଇଣ୍ଡିଆ




ଭୁବନେଶ୍ୱର : ଅନର, ଏକ ପ୍ରମୁଖ ଗ୍ଲୋବାଲ ସ୍ମାର୍ଟଫୋନ୍ ଇ-ବ୍ରାଣ୍ଡ, ଆଜି ଏହାର ସଦ୍ୟତମ ଫ୍ଲାଗସିପ୍ ସ୍ମାର୍ଟଫୋନ ଅନର ୯ଏକ୍ସର ବଜାର ପ୍ରବେଶ ବିଷୟ ଘୋଷଣା କରିଛି। ଏଥିରେ ପ୍ରଥମ ଥର ପାଇଁ ବ୍ରାଣ୍ଡ ଭାରତରେ ପପ୍-ଅପ୍ କ୍ୟାମେରାର ପ୍ରଚଳନ କରିଛି। ଅନର ୯ଏକ୍ସ ବ୍ୟତୀତ ବ୍ରାଣ୍ଡ ଅନର ମ୍ୟାଜିକ୍ ୱାଚ୍୨ ଓ ଅନର ବ୍ୟାଣ୍ଡ ୫ଆଇ ଭଳି ପରବର୍ତ୍ତି ପିଢ଼ିର ଡିଭାଇସର ବଜାର ପ୍ରବେଶ କରାଇ ନିଜର ୱେରେବଲ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଗ୍ରାହକଙ୍କ ଜୀବନକୁ ଉତ ଓ ସହଜ କରିବା ପାଇଁ ଭାରତରେ ଡିଭାଇସ୍ ଇକୋସିଷ୍ଟମ ବିକାଶ ଓ ପ୍ରଚଳନ ପାଇଁ ଅନରର ପ୍ରତିଶୃତିବଦ୍ଧତାର ଏହା ପ୍ରମାଣ। ସ୍ମାର୍ଟଫୋନ୍ ଶିଳ୍ପରେ ଏକ ବୃହତ ଡିଆଁ ମାରିଥିବା ଅନର ୯ଏକ୍ସ ହେଉଛି ଏକ ପକେଟ ଅନୁକୂଳ ଡିଭାଇସ୍, ଯାହାକି ସବୁଠୁ ପସନ୍ଦର ସଫ୍ଟୱେର, ହାର୍ଡୱେର ବୈଶିଷ୍ଟ୍ୟ ଓ ଫଙ୍କସନ୍‌ର ଏକ ମିଶ୍ରଣ। କମ୍ପାନିର ବହୁ ପ୍ରଚଳିତ 'ଏକ୍ସ' ସିରିଜ୍‌ରେ ଅନର ୯ଏକ୍ସ ଏକ ଅସାଧାରଣ ଉତ୍ପାଦ। ୩.୫୩ ସେଂଟିମିଟରର ଆମେଲେଡ୍ ଟଚ୍ସ୍କିନ୍ ଓ ୧୪ ଦିନର ବ୍ୟାଟେରି କାଳ ସହ ଆସିଥିବା ଅନର ମ୍ୟାଜିକ୍‌ୱାଚ୍୨ ହେଉଛି ନୂଆପିଢ଼ି ଡିଜାଇନ ସହ ବୁଦ୍ଧିମତା ସ୍ୱାସ୍ଥ୍ୟ ପରିଚାଳନା ଟେକ୍ନୋଲୋଜିର ଏକ ଉପଯୁକ୍ତ ମିଶ୍ରଣ, ଯାହାକି ଯୁବପିଢ଼ି ଫିଟ୍‌ନେସ୍ ଜୀବନଶୈଳୀକୁ ଅଧିକ ସରଳ କରିବ। ଅନର ମ୍ୟାଜିକ୍ ୱାଚ୍୨ କିରିନ୍ ଏ୧ ଚିପ୍‌ସେଟ୍ ସହ ସ୍ୱାସ୍ଥ୍ୟସେବା ଟ୍ରାକିଂକୁ ପୁନର୍ନିର୍ଦ୍ଧାରଣ କରୁଛି। ଅନର ବ୍ୟାଣ୍ଡ ୫ଆଇ ହେଉଛି ଅଧିକ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ଶସ୍ତା ମୂଲ୍ୟରେ ଉଚ୍ଚ ଫିଟ୍‌ନେସ୍ ସ୍ତର ହାସଲ କରୁଥିବା ଏକ ଷ୍ଟେପ୍ ଅପ୍, ଯାହାକି ଅନରର ସବୁଠୁ ପ୍ରଚଳିତ ବ୍ୟାଣ୍ଡ ସିରିଜ୍‌ରେ ଯୋଡ଼ି ହୋଇଥିବା ନୂଆ ଉତ୍ପାଦ।ଏହି ବଜାର ପ୍ରବେଶ ସମ୍ପର୍କରେ ମତ ରଖି ଅନର ଇଣ୍ଡିଆ ସଭାପତି ଚାର୍ଲସ୍ ପେଙ୍ଗ୍ କହିଲେ, 'ଯେତେବେଳେ ଗ୍ରାହକଙ୍କ ସଶକ୍ତୀକରଣ ବିଷୟ ଆସେ, ଅନର ସବୁବେଳେ ସଦ୍ୟତମ ଟେକ୍ନୋଲୋଜି ଜରିଆରେ ସେମାନଙ୍କ ଜୀବନ ଶୈଳୀରେ ସୁଧାର ଆଣିବାକୁ ସବୁ ସୀମା ଅତିକ୍ରମ କରିବାରେ ବିଶ୍ୱାସ ରଖେ। ଆମର ସଦ୍ୟତମ ଫ୍ଲାଗ୍‌ସିପ୍ ଉତ୍ପାଦ-ଅନର ୯ଏକ୍ସ, ଅନର ମ୍ୟାଜିକ୍ ୱାଚ୍୨ ଓ ଅନର ବ୍ୟାଣ୍ଡ ୫ଆଇ ଉତମ ଭାବେ ବ୍ରାଣ୍ଡର ଟେକ୍‌ଟିକ୍ ସହ ମେଳ ଖାଉଛି ଏବଂ ଶିଳ୍ପକ୍ଷେତ୍ରର ନୂଆ ଟେକ୍ନୋଲୋଜିକୁ ଆଣିଛି।

## ହୋଣ୍ଡା ପକ୍ଷରୁ ସମ୍ପୂର୍ଣ୍ଣ ନୂଆ "ବିଏସ-୬ ଆକ୍ଟିଭା ୬ଜି' ଉନ୍ମୋଚିତ

ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ "୬ର ଶକ୍ତି'କୁ ନେଇ ୨୦୨୦ର ନବବର୍ଷ ପାଳନ କରି ସମ୍ପୂର୍ଣ୍ଣ ନୂଆ ବିଏସ୍-୬ ହୋଣ୍ଡା ଆକ୍ଟିଭା ୬ଜିକୁ ଉନ୍ମୋଚନ କରିଛି ଯାହାର ଏକ୍ସ ସୋ'ରୁମ ମୂଲ୍ୟ (ନୂଆଦିଲ୍ଲୀ) ହେଉଛି ୬୩,୯୧୨ ଟଙ୍କା। ନୂଆ ବିଏସ୍-୬ ଆକ୍ଟିଭା ୬ଜିକୁ ଉନ୍ମୋଚନ କରି ଶ୍ରୀଯୁକ୍ତ ମିନୋରୁ କାଟୋ, ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ନିୟମ ଲାଗୁ ହେବାର ବହୁ ପୂର୍ବରୁ ହୋଣ୍ଡା ଭାରତର ପ୍ରଥମ ନିର୍ମାତା ଭାବେ ବିଏସ-୬ ଦୁଇ ଚକିଆ ଯାନ-ଆକ୍ଟିଭା ୧୨୫ ଓ ପରେ ଏସପି ୧୨୫ର ବିକ୍ରି ଆରମ୍ଭ କରିଥିଲା। ସାରା ଭାରତରେ ଆମେ ଏହି ବିଏସ୍-୬ ମଡେଲ୍‌ଗୁଡ଼ିକର ୭୫,୦୦୦ରୁ ଅଧିକ ୟୁନିଟ୍ ପ୍ରଦାନ କରିସାରିଛୁ। ଆଜି ଆମେ ସମ୍ପୂର୍ଣ୍ଣ ନୂଆ ବିଏସ୍-୬ ଆକ୍ଟିଭା ୬ଜିକୁ ଉନ୍ମେଚନା କରୁଥିବାରୁ ମୋର ବିଶ୍ୱାସ ରହିଛି ଯେ ଏହା "ଶାନ୍ତର ବିପ୍ଳବ'କୁ ଆଗକୁ ବଢ଼ାଇବ ଏବଂ ଭାରତରେ ଆମର ବ୍ୟବସାୟ ସଂପ୍ରସାରଣକୁ ସୁଦୃଢ଼ କରିବ।'' ଏହି ଅବସରରେ ଶ୍ରୀଯୁକ୍ତ ଯଦବିନ୍ଦର ସିଂହ ଗୁଲେରିଆ, ବରିଷ୍ଠ ଉପସଭାପତି, ବିକ୍ରି ଓ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ କହିଛନ୍ତି ଯେ, "ଯେତେବେଳେ ଆକ୍ଟିଭା ପ୍ରତି ଭଲ ପାଇବା କଥା ଆସେ ତାହା ସାରା ଭାରତରେ ପ୍ରସାରିତ ହୁଏ। ଆକ୍ଟିଭା ଏକ ବ୍ରାଣ୍ଡ୍ ଭାବେ ସମୟ ଗଡ଼ି ଚାଲିବା ସହିତ ଉଦୀୟମାନ ହୋଇଛି ଏବଂ ପ୍ରାୟ ଦୁଇ ଦଶନ୍ଧୀ ଧରି ସ୍ୱୟଂଚାଳିକ ସ୍କୁଟର ବର୍ଗରେ ଅଗ୍ରଣୀ ସ୍ଥାନ ବଜାୟ ରଖିଛି। ଆମେ ଆଜି ନୂଆ ବିଏସ-୬ ଆକ୍ଟିଭା ୬ଜିକୁ ଉନ୍ମୋଚନ କରୁଥିବାରୁ ଗର୍ବିତ ଯାହା ଜାନୁଆରି ଶେଷ ସୁଦ୍ଧା ଓ ଫେବ୍ରୁଆରି ପ୍ରାରମ୍ଭ ସୁଦ୍ଧା ଆମର ସମଗ୍ର ଡିଲର୍‌ସିପଗୁଡ଼ିକରେ ଉପଲବ୍ଧ ହେବ।'' ବିଏସ୍-୬ ଆକ୍ଟିଭା ୬ଜିରେ ୨୬ ପ୍ରକାର ପେଟେଂଟ୍ ଆପ୍ଲିକେସନ୍ ବ୍ୟବହାର କରାଯାଇଛି। ଏଥିରେ ୧୧୦ ସିସି ଏଚଇଟି ବିଏସ-୬ ପିଜିଏମ-ଏଫ୍‌ଆଇ ଇଂଜିନ୍ ବ୍ୟବହାର କରାଯାଇଛି ଯେଉଁଥିରେ ଇଏସ୍‌ପି ସୁବିଧା ରହିଛି। ପେଟେଂଟ୍ ଥିବା ଏସିଜି ଷ୍ଟାର୍ଟର ମିଟର ଯୋଗୁଁ ପ୍ରତିଥର ଷ୍ଟାର୍ଟ ବେଶ ଶାନ୍ତ, ଶୀଘ୍ର ଓ ଝଟ୍‌କାମୁକ୍ତ ହୋଇପାରିଛି। ପରିବେଶ ମିତବ୍ୟୟୀ ପ୍ରଯୁକ୍ତି ଯୋଗୁଁ ବିଏସ-୬ ଆକ୍ଟିଭା ୬ଜି ୧୦% ଅଧିକ ମାଇଲେଜ୍ ପ୍ରଦାନ କରୁଛି। ଏଥିରେ ଟେଲିସ୍କୋପିକ୍ ସସ୍‌ପେନ୍‌ସନ୍ ଓ ସମନ୍ୱିତ ଡୁଆଲ୍ ଫଙ୍କସନ୍ ସ୍ୱିଚ୍ ରହିଛି। ଷ୍ଟାଣ୍ଡାର୍ଡ ଓ ଡିଲକ୍ସ ଭଳି ଦୁଇଟି ଭାରିଆଂଟ୍ ଓ ଛଅଟି ରଙ୍ଗ ଗ୍ଲିଟର ବ୍ଲୁ ମେଟାଲିକ, ପର୍ଲ ସ୍ପାର୍ଟାନ ରେଡ,ଡାଜେଲ ୟେଲୋ ମେଟାଲିକ, ବ୍ଲାକ ପର୍ଲ ପ୍ରିସିଅସ ହ୍ୱାଇଟ ଓ ମେଟ ଆକ୍ସିସ ଗ୍ରେ ମେଟାଲିକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଏହାର ଷ୍ଟାଣ୍ଡାର୍ଡ ଭାରିଆଂଟ୍‌ର ଦାମ ୬୩,୧୯୨ଟଙ୍କା। ଓ ଡିଲକ୍ସ ଭାରିଆଂଟ୍ ଦାମ୍ ୬୫,୪୧୨ ଟଙ୍କା ରହିଛି।

## ଓରିଫ୍ଲେମ ପକ୍ଷରୁ ସ୍ୱେଡିସ ସ୍ପା ମିରର ଓସନ ବଡି ଅଏଲର ଶୁଭାରମ୍ଭ

ଭୁବନେଶ୍ୱର: ଆଜିର ବ୍ୟସ୍ତମୟ ଦୁନିଆରେ ଦୈନନ୍ଦିନର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଲୋକମାନେ ନିଜପାଇଁ ଖୁବ କ୍ୱଚିତ ସମୟ ପାଇଥା଼ନ୍ତି । ପ୍ରମୁଖ ସ୍ୱେଡିସ ଡାଇରେକ୍ଟ ବିୟୁଟି ସେଲିଙ୍ଗ ବ୍ରାଣ୍ଡ ଓରିଫ୍ଲେମ, ଆଧୁନିକ ଗ୍ରାହକମାନଙ୍କର ଏହି ଆବଶ୍ୟକତାର ହୃଦୟଙ୍ଗମ କରି ଏହାର ନୂତନ ଉତ୍ପାଦ ସ୍ୱେଡିସ ସ୍ପା ମିରର ଓସନ ବଡି ଅଏଲର ଶୁଭାରମ୍ଭ କରିଛି । ଯାହା ସେମାନଙ୍କୁ ସୁନ୍ଦର ତଥା ପ୍ରାକୃତିକ ତ୍ୱଚା ପ୍ରଦାନ କରିବ । ଗୋଟିଏ ଏକାଧିକ ଗୁଣଯୁକ୍ତ ତଥା କ୍ୟାନୋଲା ଅଏଲ, ଆଲମଣ୍ଡ ଅଏଲ, ଭିଟାମିନ ଇ ଏବଂ ଏଲାରିଆ ଏସ୍କ୍ୟୁଲେଣ୍ଟା ଆଲଜିରେ ଭରପୁର ଏହି ବଡି ଅଏଲ ତ୍ୱଚାକୁ ଗଭୀରରୁ ମଶ୍ଚରାଇଜ, କଣ୍ଡିସନ କରି ଏହାକୁ ନୂଆଜୀବନ ଦେଇଥାଏ । ଏହି ନୂତନ ସ୍ୱେଡିସ ସ୍ପା ବଡି ଅଏଲ ମାତ୍ର ୮୯୯ଟଙ୍କାରେ ଉପଲବ୍ଧ ହେଉଛି । ଘରେ ହିଁ ପ୍ରକୃତିର ଗୁଣକୁ ଉପଭୋଗ କରିବା ପାଇଁ ଓରିଫ୍ଲେମ ଏହି ହାଇଡ୍ରେଟିଙ୍ଗ ବଡି ଅଏଲର ପ୍ରସ୍ତୁତ କରିଛି ଯାହାକି ବହୁତ ଜଲଦୀ ତ୍ୱଚାରେ ମିଶିଯିବା ସହ ଲାଇଟୱେଟ ହୋଇଥାଏ ଏବଂ ଏହା ଦୈନନ୍ଦିନ ବ୍ୟବହାର ପାଇଁ ମଧ୍ୟ ଉପଯୋଗୀ ହୋଇଥାଏ । ପରିଷ୍କାର ତ୍ୱଚା ଉପରେ ଏକ କୋମଳ ମସାଜ ଆପଣଙ୍କ ଦୈନନ୍ଦିନର ଭାରକୁ ଦୂରେଇ ଆଭ୍ୟ'ର ପ୍ରଶା଼ନ୍ତି ଏବଂ ବାହ୍ୟ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ । ଏହି ଶୁଭାରମ୍ଭ ସମ୍ପର୍କରେ ଓରିଫ୍ଲେମ ସାଉଥ ଏସିଆ, ରିଜୋନାଲ ମାର୍କେଟିଙ୍ଗର ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବୀନ ଆନନ୍ଦ କହିଛ଼ନ୍ତି ଯେ, " ଏହି ସ୍ୱେଡିସ ସ୍ପାର ଶୁଭାରମ୍ଭ ସହ ଆମେ ଲୋକମାନଙ୍କୁ ସେମାନଙ୍କ ପାଇଁ କିଛି ମୂଲ୍ୟବାନ ସମୟ ବାହାର କରି ସେମାନଙ୍କ ଚେତନାକୁ ଏକ ନୂତନ ଅନୁଭୂତି ଦେବା ନିମ଼ନ୍ତେ ଉତ୍ସାହିତ କରାଉଛୁ।'' ସ୍ୱିଡେନରେ ଲୋକମାନେ ପ୍ରକୃତିର ଶା଼ନ୍ତି ଏବଂ ସ୍ୱଚ୍ଛ ବାତାବରଣରେ ସମୟ ବିତାଇବାକୁ ପସନ୍ଦ କର଼ନ୍ତି । ଠିକ ସେହି ବିଶ୍ୱାସ ଦ୍ୱାରା ପରିଚାଳିତ ଓରିଫ୍ଲେମର ଏହି ନୂତନ ଉତ୍ପାଦ ସୁନିଶ୍ଚିତ କରାଏ ଯେ ସୌନ୍ଦର୍ଯ୍ୟ ବାହାର ଏବଂ ଏହା ମଧ୍ୟରୁ ଆସିଥାଏ। ଏହାର ଅତିସୁନ୍ଦର ମିଶ୍ରଣ ଏବଂ କୋମଳ ଆକ୍ୱାଟିକ ଫ୍ଲୋରାଲ ମହକ ଚେତନାକୁ ପ୍ରଶା଼ନ୍ତି ପ୍ରଦାନ କରିବା ସହ ଶରୀର ଓ ମସ୍ତିଷ୍କୁ ଶିଥିଳ କରିଥାଏ ।

## ଆରୋହଣକୁ ଦ୍ୱିତୀୟ ଥର ପାଇଁ ମିଳିଲା 'ସିପିପି ସାର୍ଟିଫିକେସନ୍'

ଭୁବନେଶ୍ୱର: ଆରୋହଣକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଲାଏଂଟ୍ ପ୍ରୋଟେକ୍ସନ ପ୍ରିନ୍‌ସିପଲ୍ (ସିପିପି) ସାର୍ଟିଫିକେସନ ମିଳିଛି। ଏଥି ସହିତ ଏହି ସାର୍ଟିଫିକେସନ ହାସଲ କରିଥିବା ଛଅଟି ସମ୍ମାଜନକ ଆର୍ଥିକ ଅନୁଷ୍ଠାନ ମଧ୍ୟରେ ଆରୋହଣ ସ୍ଥାନ ପାଇଛି। ସମସ୍ତ ୧୯୩ଟି ମାନଦଣ୍ଡକୁ ପୂରଣ କରିବା ପାରେ ଆରୋହଣକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହା ସାତଟି ଦର୍ଶନ ଯଥା ଉପଯୁକ୍ତ ଉତ୍ପାଦ ପ୍ରସ୍ତୁତି ଓ ପ୍ରଦାନ, ଅତ୍ୟଧିକ ଋଣଗ୍ରସ୍ତ ହେବା ଠାରୁ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱବାନ ମୂଲ୍ୟ, ଗ୍ରାହକଙ୍କୁ ସମ୍ମାନଜନକ ଏବଂ ଉପଯୁକ୍ତ ବ୍ୟବହାର, ଗ୍ରାହକଙ୍କ ତଥ୍ୟର ଗୋପନୀୟତା ଏବଂ ଅଭିଯୋଗ ସମାଧାନ ଲାଗି ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ ରହିଛି। ଏହି ସାର୍ଟିଫିକେସନ ଉପରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀଯୁକ୍ତ ମନୋଜ ନାମ୍ବିଆର, ପରିଚାଳନା ନିର୍ଦ୍ଦେଶକ, ଆରୋହଣ କହିଛନ୍ତି ଯେ, "ଆଭିସ୍କାର ଗ୍ରୁପ୍ ସର୍ବଦା ବିଶ୍ୱାସ କରେ ଯେ ସାମାଜିକ ପ୍ରଭାବ ଏବଂ ବାଣିଜ୍ୟିକ ନିରନ୍ତରତା ବାସ୍ତବରେ ସମ୍ଭବ। ଯେକୌଣସି ବ୍ୟବସାୟ ଲାଗି କର୍ମଚାରୀ ଏବଂ ଚୂଡ଼ାନ୍ତ ଗ୍ରାହକ ଜରୁରୀ ଏବଂ ଶ୍ରେଷ୍ଠ କର୍ମସ୍ଥଳ ସାର୍ଟିଫିକେସନ ହାସଲ କରିବା ପରେ ସ୍ମାର୍ଟ ଅଭିଯାନର ସିପିପି ସାର୍ଟିଫିକେସନ ହାସଲ କରିବା ବାସ୍ତବରେ ବହୁତ ଖୁସିର ବିଷୟ। ଆମର ଉଦ୍ୟମ ପାଇଁ ସ୍ୱୀକୃତି ମିଳିଥିବାରୁ ବହୁତ ଖୁସି ଲାଗୁଛି ଏବଂ ମୁଁ ନିଶ୍ଚିତ ଯେ ଅଧିକ ଭଲ କରିବା ଲାଗି ଏହା ନିଶ୍ଚିତ ରୂପେ ପ୍ରେରଣା ପ୍ରଦାନ କରିବ।'' ଅନୁଷ୍ଠାନର ପରିଚାଳନା ବ୍ୟବସ୍ଥା, ଗ୍ରାହକଙ୍କ ସୁରକ୍ଷା ଦର୍ଶନ ପାଇଁ ନୀତି ଓ ପ୍ରକ୍ରିୟା ପ୍ରତି ଏହା ହେଉଛି ଏକ ଶ୍ରେଷ୍ଠ ସ୍ୱୀକୃତି। ଗ୍ରାହକଙ୍କ ସୁରକ୍ଷା ବ୍ୟବସ୍ଥା ଭିତରେ ଅଭିବୃଦ୍ଧି ଏବଂ ଅନୁଷ୍ଠାନର ବିକାଶର ପ୍ରସାର କରୁଥିବା ପ୍ରତି ପରିଚାଳନା କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ଏହି ସଫଳତା ପ୍ରମାଣିତ କରୁଛି।

## ସଂକ୍ରାନ୍ତି ଉପଲକ୍ଷେ ଉପଭୋକ୍ତା ସାମଗ୍ରୀ ଉପରେ ସାମ୍‌ସଙ୍ଗର ଆକର୍ଷଣୀୟ ଅଫର

ଭୁବନେଶ୍ୱର: ଭାରତର ସର୍ବବୃହତ୍ ଉପଭୋକ୍ତା ଇଲେକ୍ଟ୍ରୋନିକ୍ ଓ ମୋବାଇଲ ଫୋନ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ପବିତ୍ର ସଂକ୍ରାନ୍ତି ଉପଲକ୍ଷେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍‌ର ଘୋଷଣା କରାଯାଇଛି। ଏହି ଅଫର୍‌ରେ ଗ୍ରାହକମାନେ ୧୫% ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଓ ଜିରୋ ଡାଉନ୍ ପେମେଣ୍ଟ ସହ ସହଜ ଇଏମ୍‌ଆଇ ଭଳି ଆକର୍ଷଣୀୟ ଫାଇନାନ୍ସସ୍କିମ୍ ସୁବିଧା ପାଇପାରିବେ। ଏହି ଅଫର୍ ଆସନ୍ତା ୩୧ ଜାନୁଆରୀ ପର୍ଯ୍ୟନ୍ତ ଜାରିରହିବ। ଏହି ପବିତ୍ର ପାର୍ବଣ ଅବସରକୁ ଦୃଷ୍ଟିରେ ରଖି ଏହି ଅଫର୍ ଗୁଡିକ ସହ ସାମ୍‌ସଙ୍ଗ୍‌ର ଉପଭୋକ୍ତା ସାମଗ୍ରୀ ଯେପରିକି କ୍ୟୁଏଲ୍‌ଇଡି ଟିଭି, ୪କେ ୟୁଏଚ୍‌ଡି ଟିଭି କ୍ରୟ ଉପରେ ନିଶ୍ଚିତ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଆକର୍ଷଣୀୟ ଅଫର୍ ସହ କନ୍‌ଭେକ୍ସନ ମାଇକ୍ରୋୱେଭ୍ ଓଭନ୍ ଉପଲବ୍ଧ ହେବ। ଏଥି ସହିତ ସାଇଡ୍-ବାଏ-ସାଇଡ୍ ରେଫ୍ରିଜରେଟର୍, ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର୍, ଆଡ୍ ୱାଶିଙ୍ଗ୍‌ମେସିନ୍, ଟପ୍ ଲୋଡ୍ ୱାଶିଙ୍ଗ୍‌ମେସିନ୍, ଡିଜିଟାଲ ଇନ୍‌ଭର୍ଟର ଏୟାର କଣ୍ଡିସ୍‌ନର ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ଫାଇନାନ୍ସ ଅଫର୍ ରହିଛି। ସେହିପରି ଆକ୍ସିସ୍‌ବ୍ୟାଙ୍କ୍, ଫେଡେରାଲ ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କ ଡେବିଟ୍ ଓ କ୍ରେଡିଟ୍ କାର୍ଡରେ କ୍ରୟ ଉପରେ ୧୫% ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ସୁବିଧା ଉପଲବ୍ଧ ହେବ।ଏହି ଅଫର୍ ସମୟରେ ଉପଭୋକ୍ତାମାନେ ସାମ୍‌ସଙ୍ଗ୍ କ୍ୟୁଏଲ୍‌ଇଡି ଓ ୪କେ ୟୁଏଚ୍‌ଡି ଟିଭି ଭଳି ନିର୍ଦ୍ଦିଷ୍ଟ ମଡେଲ କିଣିଲେ ୭୬,୯୦୦ ଟଙ୍କା ମୂଲ୍ୟର ଗ୍ୟାଲାକ୍ସି ଏସ୍୧୦ (୫୧୨ ଜିବି), ୧୯,୯୯୯ ଟଙ୍କା ମୂଲ୍ୟର ଗ୍ୟାଲାକ୍ସି ଏ୫୦ଏସ୍ (୪ଜିବି), ୧୬,୯୯୯ ଟଙ୍କାର ଗ୍ୟାଲାକ୍ସି ଏମ୍୩୦ (୬ଜିବି), ୮୪୯୯ ଟଙ୍କା ମୂଲ୍ୟର ଗ୍ୟାଲାକ୍ସି ଏ୧୦ଏସ୍ (୨ଜିବି) ଏବଂ ୩୭୯୯ ଟଙ୍କା ମୂଲ୍ୟର ସାମ୍‌ସଙ୍ଗ ୟୁଫ୍ଲେକ୍ସ ହେଡ୍‌ଫୋନ୍ ଆଦି ପାଇପାରିବେ।

## ବିଶ୍ୱକଲ୍ୟାଣ, ବିଶ୍ୱଶାନ୍ତି, ବିଷ୍ଣୁଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନେଉଳପୁର:ଧର୍ମଶାଳା ଥାନା ଅନ୍ତର୍ଗତ ସିଦ୍ଧପୀଠ ଗଲଗଲି ଶଙ୍ଖ ଠାରେ ବିସ୍ୱକଲ୍ୟାଣ, ବିଶ୍ୱଶାନ୍ତି, ବିଷ୍ଣୁଯଜ୍ଞ ଅଷ୍ଟମ ବାର୍ଷିକ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବିରଜା ଶ୍ରୀକ୍ଷେତ୍ର ପ୍ରାଚୀନ ପୁନରୁଦ୍ଧାର କମିଟିର ସଭାପତି ବଟକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ନିରଞ୍ଜନ ଗନ୍ତାୟତ, ପ୍ରଦୀପ କୁମାର ଦାସ , ଖଗେଶ୍ୱର ଗନ୍ତାୟତ, ଆନନ୍ଦ କିଶୋର ଜେନା, ସୁରେନ୍ଦ୍ର ମହାନ୍ତି, ଇନ୍ଦ୍ରମଣି ଦଳାଇ, ପ୍ରସାନ୍ତ କୁମାର ଜେନା, ଯୁଗଳ କିଶୋର ବଳ, ଅଟଳ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୩୦ତାରିଖରୁ ଫେବୃୟାରୀ ୩ପର୍ଯ୍ୟନ୍ତ ଯଜ୍ଞ ଅନୁଷ୍ଠିତ ହେବ। ଉକ୍ତ ଯଜ୍ଞରେ କିପରି ଭାବରେ ସୁରକ୍ଷା ରକ୍ଷା ଯାଇପାରିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଯଜ୍ଞର ଶାନ୍ତି ଶୃଙ୍ଖଳା ପାଇଁ ଧର୍ମଶାଳା ଥାନା ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକ କମିଟି ପକ୍ଷରୁ ଥାନା ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତି ଗ୍ରହଣ କରାଗଲା। ରାଜ୍ୟ ସରକାର ଏହି ସିଦ୍ଧ ପୀଠକୁ ପର୍ଯ୍ୟଟନ କେନ୍ଦ୍ର ଭାବରେ ଘୋଷଣା କରିଥିଲେ ହେଁ ଏହାର ଉନ୍ନୟନ କାର୍ଯ୍ୟପାଇଁ ସରକାର ସହ ଯୋଗ ଦେବା ପାଇଁ କମିଟି ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି।

## କୋବ୍ ପକ୍ଷରୁ ଯାଜପୁରର ଉତ୍କଳ ସେଣ୍ଟର ପଏଣ୍ଟ ମଲ୍‌ରେ ଏହାର ୪୫୦ତମ ଷ୍ଟୋରର ଶୁଭାରମ୍ଭ



ଯାଜପୁର/ଭୁବନେଶ୍ୱର: ଭାରତର ଅଗ୍ରଣୀ ପୁରୁଷ ପୋଷାକ ଫ୍ୟାସନ୍ ବ୍ରାଣ୍ଡ୍, କୋବ୍ ପକ୍ଷରୁ ଯାଜପୁର ରୋଡ଼ସ୍ଥିତ ଚୋର୍ଦ୍ଦା ବାଇପାସ୍‌ଠାରେ ଅବସ୍ଥାପିତ ଉତ୍କଳ ସେଣ୍ଟର ପଏଣ୍ଟ ମଲରେ ଏହାର ୪୫୦ ତମ ତଥା ନୂତନ ସ୍ୱତନ୍ତ୍ର ଷ୍ଟୋରର ଶୁଭାରମ୍ଭ କରାଯାଇଛି । ଏହି ଶୁଭାରମ୍ଭ ଅବସରରେ ପଦ୍ମଶ୍ରୀ ଡି ପ୍ରକାଶ ରାଓ ଏବଂ ନିର୍ଦ୍ଦେଶକ ତଥା ଅଭିନେତା, ଶ୍ରୀ ଅଶ୍ୱିନୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଷ୍ଟୋରଟିକୁ ଉଦ୍‌ଘାଟନ କରିଛ଼ନ୍ତି । ଏହି ଅବସରରେ ଫ୍ରାଞ୍ଚାଇଜ୍ ଓନର, ଓଡ଼ିଶା, ଶ୍ରୀଯୁକ୍ତ ଶ୍ରଦ୍ଧାନନ୍ଦ ତ୍ରିପାଠୀ ମଧ୍ୟ ଉପସ୍ଥିତ ରହିଥିଲେ । ଏହା ହେଉଛି ଓଡ଼ିଶାରେ କୋବ୍‌ର ଚତୁର୍ଥ ସ୍ୱତନ୍ତ୍ର ଷ୍ଟୋର୍। ପୂର୍ବରୁ ପୁରୀ, କଟକ ଏବଂ ଭୁବନେଶ୍ୱରଠାରେ ଏହାର ଷ୍ଟୋର୍ ରହିଛି । ଏହି ଉଦ୍‌ଘାଟନୀ ଅବସରରେ କମ୍ପାନୀ ପକ୍ଷରୁ 'ଓପନିଂ ଧମାକା ସେଲ୍' ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ଦୁଇଟି କିଣିଲେ ୬ଟି ଜିନିଷ (ବାଏ ୨ ଗେଟ୍ ୬) ପାଇପାରିବେ। ଏହି ଉଦ୍‌ଘାଟନୀ ଅବସରରେ ଶ୍ରୀଯୁକ୍ତ ମୋହଶିନ୍ ଶେଖ୍, ଡେପୁଟି ଜେନେରାଲ୍ ମ୍ୟାନେଜର, କୋବ୍ କହିଛ଼ନ୍ତି ଯେ, 'ଆମ ବ୍ୟବସାୟର ସଫଳତା ଆମ ବ୍ରାଣ୍ଡର ଉଲ୍ଲେଖନୀୟ ସୁଦୃଢ଼ତା ଯୋଗୁଁ ସମ୍ଭବ ହୋଇଛି। ଆମେ ବିଶ୍ୱାସ କରୁଯେ ଆମର ସଫଳତା ପରିବର୍ତ୍ତିତ ଫ୍ୟାସନ୍ ଟ୍ରେଣ୍ଡକୁ ଚିହ୍ନଟ କରିବା, ଜାଣିବା ଏବଂ ଉଚିତ ସମୟ ମଧ୍ୟରେ ସେଥିପାଇଁ ବ୍ୟବସ୍ଥା କରିବା ଉପରେ ନିର୍ଭରଶୀଳ।'' ଆସନ୍ତା ଏକ ବର୍ଷ ମଧ୍ୟରେ ରାଜ୍ୟରେ ୫୦ଟି ନୂଆ ଷ୍ଟୋର୍ ଖୋଲିବାକୁ କୋବ୍ ଯୋଜନା ରଖିଛି। ଆଗାମୀ ଦିନ ମାନଙ୍କରେ ଅନ୍ୟ ଷ୍ଟୋର୍‌ଗୁଡ଼ିକ ଅନୁଗୁଳ, ତାଳଚେର ଓ ଝାରସୁଗୁଡ଼ା ଆଦି ପ୍ରମୁଖ ସହରଗୁଡ଼ିକରେ ଖୋଲାଯିବାର ବ୍ୟବସ୍ଥା ରହିଛି। ଏହି ନୂତନ ଷ୍ଟୋର୍‌ର ଶୁଭାରମ୍ଭକରି କମ୍ପାନୀ ରାଜ୍ୟରେ ଏହାର ଉପସ୍ଥିତିକୁ ବଢ଼ାଇଛି। କମ୍ପାନୀ ଏହାର ଗ୍ରାହକମାନଙ୍କୁ ଆନ୍ତର୍ଜାତୀୟ ମାନର ସପିଙ୍ଗ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛି। କୋବ୍‌ର ଉତ୍ପାଦ ଗୁଡ଼ିକ ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାନା, ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ବିହାର, ହିମାଚଳ ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଆସାମର ୫୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ବ୍ରାଣ୍ଡ ଆଉଟ୍‌ଲେଟ୍ ଓ ସମଗ୍ର ଦେଶର ୭୫ରୁ ଉର୍ଦ୍ଧ୍ୱ ମଲ୍‌ଟି ବ୍ରାଣ୍ଡ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି। ୟୁଏଆଇ (ଦୁବାଇ)ରେ ମଧ୍ୟ କୋବର ଉପସ୍ଥିତି ରହିଛି। କୋବ୍ ଗ୍ରାହକମାନଙ୍କୁ ଡିଜାଇନ୍ ପ୍ରେରିତ ଉତ୍ପାଦ ଯୋଗାଇ ଦେଉଛି। ଫ୍ୟାସନପ୍ରେମୀ ମାନଙ୍କ ପାଇଁ ଏହାର ଷ୍ଟୋର୍‌ରେ ସାର୍ଟ, ଟ୍ରାଉଜର୍, ଡେନିମ୍, ଟି-ସାର୍ଟ, ସୁଟ୍ ଓ ବ୍ଲେଜର୍ ଉପଲବ୍ଧ ହେଉଛି।

## ସଂଚୟ ଖାତାର ବାସ୍ତବ ସୁଯୋଗକୁ ଖୋଲିବା: ପ୍ରବୀଣ କୁଟି, ମୁଖ୍ୟ-ରିଟେଲ ଆଣ୍ଡ ଏସଏମଇ ବ୍ୟାଙ୍କିଙ୍ଗ, ଡିସିବି ବ୍ୟାଙ୍କ

ଭୁବନେଶ୍ୱର: ବ୍ୟାଙ୍କ କିମ୍ବା ଡାକ ଘର ଦ୍ୱାରା ପ୍ରଦାନ କରାଯାଉଥିବା ସବୁଠୁ ମୌଳିକ ଏବଂ ଆବଶ୍ୟକ ଆର୍ଥିକ ଉପକରଣ ହେଉଛି ଏକ ସଂଚୟ ଖାତା। ବଜାରରେ ଥିବା ଅନ୍ୟ ଆର୍ଥିକ ଉପକରଣ ଭଳି ଏକ ସଂଚୟ ଖାତା ସମୃଦ୍ଧ ନୁହେଁ, କିନ୍ତୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଏହା ପ୍ରଥମ ପଦକ୍ଷେପ-ଯାହା ବ୍ୟାଙ୍କ ଠାରୁ ଦୂରରେ ଥିବା ବ୍ୟକ୍ତିଙ୍କୁ ସଂଗଠିତ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଆଣିଥାଏ। ଆପଣଙ୍କ କଷ୍ଟୋପାର୍ଜିତ ଟଙ୍କାକୁ ଉପଯୁକ୍ତ ଢ଼ଙ୍ଗରେ ପରିଚାଳନା କରିବାର ସବୁଠୁ ପ୍ରଭାବଶାଳୀ ଏବଂ ସ୍ମାର୍ଟ ଉପାୟ ହେଉଛି ଏକ ସଂଚୟ ଖାତା। ଏହା ଅତ୍ୟନ୍ତ ନମନୀୟ କାରଣ ଏହା ଗ୍ରାହକଙ୍କ ବ୍ୟକ୍ତିଗତ ବ୍ୟବହାର ଲାଗି ଟଙ୍କା ଉଠାଣ ଟ୍ରାନ୍ସଫର କିମ୍ବା ଫିକ୍ସଡ ଡିପୋଜିଟ, ବଣ୍ଡ, ସେୟାର କିମ୍ବା ମ୍ୟୁଚୁଆଲ ଫଣ୍ଡ ଭଳି ଉପକରଣରେ ନିବେଶ କରିବାର ସୁବିଧା ପ୍ରଦାନ କରିବ। ଏକ ସଂଚୟ ଖାତାକୁ ଏକ ନିର୍ଦ୍ଦିଷ୍ଟ ସର୍ବନିମ୍ନ ବାଲାନ୍ସ ମାଧ୍ୟମରେ ପରିଚାଳନା କରିହେବ। ଏହାକୁ ସହଜରେ ବନ୍ଦ କରାଯାଇପାରିବ କିମ୍ବା ବାଲାନ୍ସରେ ଥିବା ସବୁ ଟଙ୍କାକୁ ନଗଦରେ ଉଠାଇ ହେବ କିମ୍ବା ଅନ୍ୟ ଖାତା କିମ୍ବା ଉପକରଣକୁ ସ୍ଥାନାନ୍ତର କରିହେବ। ସଂଚୟ ଖାତାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୁବିଧାଟି ହେଉଛି ଆପଣଙ୍କ ଟଙ୍କା ଯାହା ଏମିତିରେ ଘରେ ପଡ଼ି ରହନ୍ତା, ତାହା ବାର୍ଷିକ ଭିତିରେ ୩.୨୫%ରୁ ୭% ପର୍ଯ୍ୟନ୍ତ ଲାଭ ହାସଲ କରିପାରିବ। ବରିଷ୍ଠ ନାଗରିକମାନେ ସାମାନ୍ୟ ଅଧିକ ସୁଧ ପାଇପାରିବେ। ଯଦି ଆପଣ ଯତ୍ନର ସହିତ ଏହି ଖାତାକୁ ଦୀର୍ଘ ସମୟ ପାଇଁ ପରିଚାଳନା କରିପାରିବେ ତେବେ ଲାଭ ମିଳିବାକୁ ଥିବା ଟଙ୍କାକୁ ଆପଣ ଭ୍ରମଣ, ପିଲାଙ୍କ ଶିକ୍ଷା କିମ୍ବା ବିବାହ, ଘରର ଉନ୍ନତୀକରଣ, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟବହାର କରିପାରିବେ। ଅନେକ ବ୍ୟାଙ୍କ ସର୍ବନିମ୍ନ ବାର୍ଷିକ ହାରରେ ସଂଚୟ ଖାତା ଗ୍ରାହକଙ୍କୁ ଲକର ସୁବିଧା ପ୍ରଦାନ କରୁଛନ୍ତି। ଲକରକୁ ମୂଲ୍ୟବାନ ସାମଗ୍ରୀ ଯଥା ଗହଣା ଏବଂ କାଗଜପତ୍ର ରଖିବା ଲାଗି ବ୍ୟବହାର କରିହେବ ଏବଂ ବ୍ୟାଙ୍କ ଖୋଲା ଥିବା ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ବ୍ୟାଙ୍କଗୁଡ଼ିକ ମଧ୍ୟରେ ବଢୁଥିବା ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ, ବ୍ୟାଙ୍କଗୁଡ଼ିକ ମଧ୍ୟ ଅଭିନବ ବ୍ୟବସ୍ଥା ବ୍ୟବହାର କରୁଛନ୍ତି। ଉଦାହରଣ ସ୍ୱରୂପ, କିଛି ବ୍ୟାଙ୍କ କ୍ୟାସବ୍ୟାକ ସୁବିଧା ପ୍ରଦାନ କରୁଛନ୍ତି ଯେଉଁଠାରେ ଖାତାକୁ ଚତୁରତାର ସହ ବ୍ୟବହାର କଲେ ପ୍ରତି ପଏଂଟ ଅଫ ସେଲ୍‌ରେ କାରବାର କିମ୍ବା ଡେବିଟ କାର୍ଡ ସ୍ୱାଇପ୍ ବେଳେ ପ୍ରତିଥର କ୍ୟାସ୍‌ବ୍ୟାକ୍ ମିଳିପାରିବ। କେତେକ ନୂତନ ପିଢ଼ିର ବ୍ୟାଙ୍କ ଅଧିକ କ୍ୟାସବ୍ୟାକ୍ ସହିତ ସଂଚୟ ଲାଭ ଓ ଉତମ ହାରାହାରି ବାଲାନ୍ସ ପ୍ରଦାନ କରୁଛନ୍ତି। ଆଉ କିଛି ବ୍ୟାଙ୍କ କିଛି ପାଦ ଆଗକୁ ବଢ଼ି ମାଗଣା ଜୀବନ ବୀମା ସୁବିଧା ପ୍ରଦାନ କରୁଛନ୍ତି, ସେଥିପାଇଁ ସେମାନେ ଫିକ୍ସଡ ଡିପୋଜିଟରେ ଥିବା ଟଙ୍କା ଏବଂ ଗ୍ରାହକଙ୍କ ବୟସକୁ ବିଚାରକୁ ନେଉଛନ୍ତି। ଅନେକ ବ୍ୟାଙ୍କ ଗ୍ରାହକମାନଙ୍କୁ ଆ଼ନ୍ତର୍ଜାତିକ ଡେବିଟ କାର୍ଡ ସହିତ ସଂଚୟ ଜମା ଖାତା ପ୍ରଦାନ କରୁଛନ୍ତି ଯାହା ସେମାନଙ୍କୁ ବିଦେଶରେ କାରବାର କରିବାରେ ସହାୟକ ହେଉଛି। ଏହି ସବୁ କାର୍ଡରେ ଖାଦ୍ୟ ଏବଂ ପାନୀୟ, ମନୋରଂଜନ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଡିଲର ଲାଭ ସମ୍ମିଳିତ ରହିଥାଏ ଫଳରେ ସଂଚୟ ଖାତାର ଉପଯୁକ୍ତ ଲାଭ ମିଳିପାରିଥାଏ। ବିଗତ ଏକ ଦଶନ୍ଧୀ ଭିତରେ ପ୍ରଯୁକ୍ତି ଓ ଡିଜିଟାଲ ବ୍ୟାଙ୍କିଙ୍ଗ ବ୍ୟାଙ୍କ କ୍ଷେତ୍ରରେ ଏଭଳି ପରିବର୍ତନ ଆଣିପାରିଛି ଯେ ଅନେକ ବ୍ୟାଙ୍କ ସେବା ଏବେ ଆଙ୍ଗୁଠି ଟିପରେ ଉପଲବ୍ଧ ହେଉଛି ଯେଉଁଥିପାଇଁ ଗ୍ରାହକଙ୍କୁ ବ୍ୟାଙ୍କ ଖାତା ଭ୍ରମଣ କରିବାକୁ ପଡୁନାହିଁ। ବ୍ୟବହାର ଉପଯୋଗୀ ଆପ ଠାରୁ ଆରମ୍ଭ କରି ୨୪ ଘଂଟିଆ ଗ୍ରାହକ ସେବା ପର୍ଯ୍ୟନ୍ତ, ବ୍ୟାଙ୍କିଙ୍ଗ କାରବାର ଏବେ କେବଳ ମାଉସ୍ ଦୂରରେ ରହିଛି। ଯୁବ ଭରତୀୟ, ବିଶେଷ କରି ନୂଆ ପିଢ଼ିର ପିଲାମାନେ ଶୀଘ୍ର ପ୍ରଯୁକ୍ତିକୁ ଗ୍ରହଣ କରୁଥିବା ବେଳେ ସ୍ମାର୍ଟ ଆର୍ଥିକ ନିଷ୍ପତି ନେଉଛନ୍ତି। ଜନ ଧନ ସ୍କିମ୍ ଜରିଆରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ଜାରି ରହିବା ଯୋଗୁଁ ଏକ ସଂଚୟ ବ୍ୟାଙ୍କ ଖାତା ହେଉଛି ଜୀବନ ସାରାର ସଂଚୟ ଓ ଆର୍ଥିକ ସ୍ୱାଧୀନତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray